ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର
Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ | ସଂଖ୍ୟା-୭୧ | ମଙ୍ଗଳବାର | ୩ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-71 | Tuesday | 3 June 2025 | Bhubaneswar | Pages-8 | Rs. 2.00

## ମୋହନ ଦେଲେ ଭଦ୍ରକରେ ୨୭୫ କୋଟିର ଉପହାର



ଭଦ୍ରକ, ୨।୬ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭଦ୍ରକ ଜିଲ୍ଲାର ବାଲିଆପଡା ଠାରେ ପ୍ରାୟ ୨୭୫ କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁ ଦିନରୁ ଦାବି ଥିବା ମେଡିକାଲ କଲେଜର ଭିତିପ୍ରସ୍ତର ସ୍ଥାପନ ଖୁବ ଶୀଘ୍ର ଏହି ଜିଲ୍ଲାରେ ହେବ ଏବଂ ଏହା ସହିତ ଆଇଓସିଏଲ ପକ୍ଷରୁ ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଗୋଟିଏ ଏଚଏମଏଲଏସ୍ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହିତ, ଭଦ୍ରକ ରେ ଥିବା ସମସ୍ତ ଶହୀଦ ପୀଠ ମାନଙ୍କର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶୃତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ। ଏହି ଭାବନାକୁ ମନରେ ରଖି ଗତ ପ୍ରାୟ ଏକବର୍ଷ ହେଲା ଆମ ସରକାର ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟରତ। ଆମ ସରକାର ଆସିବାର ପ୍ରଥମ ଦିନରୁ ହିଁ ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଚାରିଗୋଟି ପ୍ରତିଶୃତିକୁ ପାଳନ କରିଥିଲୁ। ମାତ୍ର ୨୪ ମିନିଟରେ ସୁଭଦ୍ରା ଯୋଜନା, ଚାଷୀଭାଇ ଓ ଭଉଣୀଙ୍କୁ ଧାନ କିଣା ବାବଦକୁ କୁଇଂଟାଲ ପିଛା ଅଧିକ ୮୦୦ ଟଙ୍କା ପ୍ରଦାନ, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲା ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ୫୦୦ କୋଟି ଟାଙ୍କର କର୍ପସ ଫଣ୍ଡ ପରି ନଷ୍ଟି ନେଇଥିଲୁ। ଏହି ୧୨ ମାସରେ ସରକାରର ସଫଳତାର ଫର୍ଦ୍ଦ ବହୁତ ଲମ୍ବା। ଏହାର ହିସାବ ଆମେ ଆସନ୍ତା ୧୨ ତାରିଖରେ ଜନତା ଜନାର୍ଦ୍ଦନଙ୍କୁ ଦେବୁ। ଜୀବନ ଜୈବିକା ରାଜ୍ୟର ବିକାଶ ପାଇଁ ଅପରିହାର୍ଯ୍ୟ। କୃଷି ଓ ଆନୁଷଙ୍ଗିକ କୃଷି ତଥା ଶିଳ୍ପର ବିକାଶ ମଧ୍ୟମରେ ରାଜ୍ୟର ପ୍ରତିଟି ନାଗରିକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମର ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତବ୍ୟ। ବିଶ୍ୱସ୍ତରୀୟ ସେବା ନାଁ ରେ ୨୪ ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା। କିନ୍ତୁ, ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି। ଆଗାମୀ କିଛି ବର୍ଷରେ ଓଡିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସଂପୂର୍ଣ୍ଣଭାବେ ବଦଳିବାକୁ ଯାଉଛି। ୫ଟିର ରଙ୍ଗମରା ଶିକ୍ଷା ନୁହେଁ, ବାସ୍ତବ ଅର୍ଥରେ ଓଡିଶାର ବିକାଶ ହେବ। ଆମ ସରକାର ଉତ୍କର୍ଷ ଓଡ଼ିଶାର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଗତ ୨୨ ତାରିଖରେ ୧୦ ଗୋଟି ପ୍ରକଳ୍ପ ୧ ଲକ୍ଷ ୬୫ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ। ଓଡିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ରହିଛି। ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ। ଗୋଟିଏ ହେଲା ଆଇଓସିଏଲ ପକ୍ଷରୁ ଭଦ୍ରକରେ ୪,୩୭୭ କୋଟି ଟଙ୍କା ବିନିଯୋଗ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ଏବଂ ଏହା ଦ୍ୱାରା ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଏହା ସହିତ ୨୨୨୩.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ଭଦ୍ରକରେ ଗୋଟିଏ ଏଚଏମଏଲଏସ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ। ଏହାଦ୍ୱାରା ୧୧୫୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଭଦ୍ରକ ଜିଲ୍ଲାକୁ • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପାରାଗୁଏ ରାଷ୍ଟ୍ରପତିଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା



ନୂଆଦିଲ୍ଲୀ, ୨।୬ (ହି.ସ): ଭାରତ ଏବଂ ପାରାଗୁଏ ସ୍ୱଚ୍ଛ ଶକ୍ତି, ସବୁଜ ହାଇଡ୍ରୋଜେନ ଏବଂ ଜୈବ ଇନ୍ଧନ ଭଳି କ୍ଷେତ୍ରରେ ସେମାନଙ୍କର ସମ୍ପର୍କକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ପାଲାସିଓସଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିନିଧିସ୍ତରୀୟ ଆଲୋଚନା ସମୟରେ ଏହି ନିଷ୍ପତ୍ତି ନିଆଯାଇଛି। ଉଭୟ ଦେଶ ସାଇବର ଅପରାଧ, ସଂଗଠିତ ଅପରାଧ, ନିଶା କାରବାରରକୁ ଦୂର କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ମଧ୍ୟ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଏବଂ ପାରାଗୁଏ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଏକାଠି ଅଛନ୍ତି। ଶ୍ରୀ ମୋଦି କହିଛନ୍ତି, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, କୃଷି, ପ୍ରତିରକ୍ଷା, ରେଳବାଇ, ମହାକାଶ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଉଭୟ ଦେଶ ପାଖରେ ଅନେକ ସମ୍ଭାବ୍ୟ ସୁଯୋଗ ରହିଛି। ସେ କହିଛନ୍ତି, ପାରାଗୁଏ ଦକ୍ଷିଣ ଆମେରିକାର ଏକ ମୂଲ୍ୟବାନ ଅଂଶୀଦାର ଏବଂ ଉଭୟ ରାଷ୍ଟ୍ର ସମାନ ମୂଲ୍ୟବୋଧ ଦ୍ୱାରା ଜଡିତ। ସେ କହିଛନ୍ତି, ବାଣିଜ୍ୟ ସମ୍ପର୍କ ବୃଦ୍ଧି କରିବାରେ ଅପାର ସମ୍ଭାବନା ରହିଛି। ପୂର୍ବରୁ, ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ମଧ୍ୟ ରାଷ୍ଟ୍ରପତି ପାଲାସିଓସଙ୍କୁ ଭେଟି ଭାରତ-ପାରାଗୁଏ ସହଯୋଗ ବୃଦ୍ଧି ପାଇଁ ତାଙ୍କର ସକାରାତ୍ମକ ଭାବନା ଏବଂ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ। ଦୁଇ ରାଷ୍ଟ୍ର ମଧ୍ୟରେ ମିଳିତ କମିଶନ ମେଣ୍ଟ ପ୍ରତିଷ୍ଠା ପାଇଁ ଭାରତ ଏବଂ ପାରାଗୁଏ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଶ୍ରୀ ପାଲାସିଓସ୍ ତିନି ଦିନିଆ ଭାରତ ଗସ୍ତରେ ଅଛନ୍ତି। ରାଷ୍ଟ୍ରପତି ରାଜଘାଟ ଗସ୍ତ କରି ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ପେନା ବୁଧବାର ପାରାଗୁଏ ଫେରିବା ପୂର୍ବରୁ ମୁମ୍ବାଇ ମଧ୍ୟ ଯିବେ। ମୁମ୍ବାଇରେ ସେ ରାଜ୍ୟ ନେତା, ବ୍ୟବସାୟ ଏବଂ ଶିଳ୍ପ ପ୍ରତିନିଧି ଏବଂ ଟେକ୍ନୋଲୋଜି ବିଶେଷଜ୍ଞମାନଙ୍କୁ ଭେଟିବେ। ଭାରତ ଏବଂ ପାରାଗୁଏ ୧୯୬୧ ମସିହାରେ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହା • ପୃଷ୍ଠା ୭ ଦେଖନ୍ତୁ...

## ସିକ୍କିମରେ ମିଲିଟାରୀ କ୍ୟାମ୍ପରେ ଭୂସ୍ଖଳନ

### ୩ ଯବାନ ସହିଦ୍, ୬ ନିଖୋଜ



ନୂଆଦିଲ୍ଲୀ, ୨।୬ (ହି.ସ): ସିକ୍କିମରେ ପ୍ରାକୃତିକ ବିପର୍ଯ୍ୟୟ ବହୁତ ବଡ କ୍ଷୟକ୍ଷତି ଘଟାଇଛି। ଏହି ବିପର୍ଯ୍ୟୟରେ ଭାରତୀୟ ସେନାର ମଧ୍ୟ ବହୁତ କ୍ଷତି ହୋଇଛି। ସୂଚନା ଅନୁଯାୟୀ, ସିକିମର ଛଟେନରେ ଭାରତୀୟ ସେନାର ଏକ କ୍ୟାମ୍ପ ଭୂସ୍ଖଳନର ଶିକାର ହୋଇଛି। ଏହି ଭୂସ୍ଖଳନ ଯୋଗୁଁ ସେନାର ୩ ଜଣ ସୈନିକ ସହିଦ ହୋଇଛନ୍ତି। ସେହି ସମୟରେ, ୬ ଜଣ ସୈନିକ ଏବେ ବି ନିଖୋଜ ଅଛନ୍ତି, ଯାହାଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଖୋଜାଖୋଜି ଚାଲିଛି। ଏବେ ଆସନ୍ତୁ ଜାଣିବା ଏହି ଦୁର୍ଘଟଣା ବାବଦରେ ପ୍ରକୃତରେ, ସିକିମରେ ଭୂସ୍ଖଳନର ଏହି ଘଟଣା ଲାଚେନ ଜିଲ୍ଲାର ଛଟେନ ଅଞ୍ଚଳରେ ଘଟିଛି। ଏନେଇ ଜଣେ ପ୍ରତିରକ୍ଷା ଅଧିକାରୀ ସୋମବାର • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଥମଥର ପାଇଁ ଜି-୭ ସମ୍ମିଳନୀରେ ଅନୁପସ୍ଥିତ ରହିବେ ମୋଦି !



ନୂଆଦିଲ୍ଲୀ, ୨।୬ (ହି.ସ): ଆଗାମୀ ଜି-୭ ସମ୍ମିଳନୀ ପାଇଁ କାନାଡା ଗସ୍ତ କରିବେ ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ଏବେ ଠିକ ନଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଜି-୭ ସମ୍ମିଳନୀରେ ଯୋଗ ଦେବେ ନାହିଁ ବୋଲି ଜଣାପଡ଼ିଛି। ଜି-୭ ସମ୍ମିଳନୀ ପାଇଁ କାନାଡା ଏଯାଏ ଭାରତକୁ ନିମନ୍ତ୍ରଣ କରିନି। ଯଦି ବି କାନାଡା ନିମନ୍ତ୍ରଣ କରେ, ତଥାପି ଭାରତର ପ୍ରଧାନମନ୍ତ୍ରୀ ସମ୍ମିଳନୀକୁ ଯିବେ ନାହିଁ। ବିଶ୍ୱର ପ୍ରମୁଖ ଶିଳ୍ପ ଭିତ୍ତିକ ଦେଶଗୁଡ଼ିକ ଜି-୭ ଗଠନ କରିଛନ୍ତି। ଏଥିରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ବ୍ରିଟେନ, ଜାପାନ, ଆମେରିକା ଓ କାନାଡା ରହିଛନ୍ତି। ବୈଠକରେ ୟୁରୋପୀୟ ୟୁନିୟନ, ଆଇଏମଏଫ, ବିଶ୍ୱ ବ୍ୟାଙ୍କ ଓ ମିଳିତ ଜାତିସଂଘ ସମେତ ଆଉ କିଛି ସଦସ୍ୟ ରାଷ୍ଟ୍ରଙ୍କୁ ନିମନ୍ତ୍ରଣ କରାଯାଏ। ଦକ୍ଷିଣ ଆଫ୍ରିକା, ୟୁକ୍ରେନ, ବ୍ରାଜିଲ ଓ ଅଷ୍ଟ୍ରେଲିଆ ସରକାରଙ୍କୁ କାନାଡା ଜି-୭ ପାଇଁ କରିଥିବା ନିମନ୍ତ୍ରଣକୁ ସେମାନେ ଗ୍ରହଣ କରି ନିଆଯାଇଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଜୁନ ୧୬ରୁ ୧୭ ଯାଏ ଜି-୭ ସମ୍ମିଳନୀର ଆୟୋଜନ କାନାଡା କରିବାକୁ ଯାଉଛି। ହେଲେ କାନାଡା ପକ୍ଷରୁ ଏଯାଏ ଭାରତକୁ କୌଣସି ପ୍ରକାରର ନିମନ୍ତ୍ରଣ କରାଯାଇ ନାହିଁ। ସେହିପରି ଭାରତୀୟ ନେତୃବୃନ୍ଦ ମଧ୍ୟ କାନାଡା ଯାଇ ସମ୍ମିଳନୀରେ ସାମିଲ ହେବା ସପକ୍ଷରେ ନାହାନ୍ତି। କୌଣସି ଉଚ୍ଚସ୍ତରୀୟ ଗସ୍ତ ପୂର୍ବରୁ ପ୍ରଥମେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିବା ଦରକାର ବୋଲି ଭାରତ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ଏଥିସହ ଭବିଷ୍ୟତରେ ଯଦି ପ୍ରଧାନମନ୍ତ୍ରୀ ମୋଦି କାନାଡା ଗସ୍ତ କରନ୍ତି, ତା'ହେଲେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସେଠାକାର ସରକାର ପ୍ରଥମେ ନିଶ୍ଚିତ କରିବା ଦରକାର। ୨୦୧୯ରୁ ପ୍ରତିଟି ଜି-୭ ସମ୍ମିଳନୀ ପାଇଁ ଭାରତକୁ ଆୟୋଜକ ରାଷ୍ଟ୍ରଗୁଡ଼ିକ ନିମନ୍ତ୍ରଣ କରୁଥିଲେ। ଭାରତର ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ନିମନ୍ତ୍ରଣ ରକ୍ଷା କରି ଜି-୭ ସମ୍ମିଳନୀରେ ସାମିଲ ହେଉଥିଲେ। କିନ୍ତୁ ଏଥର କାନାଡା ଜି-୭ ସମ୍ମିଳନୀ ଆୟୋଜନ କରୁଥିବାରୁ ମୋଦି ଏଥିରେ ସାମିଲ ହେବେ ନାହିଁ। ଗତ ମାସରେ • ପୃଷ୍ଠା ୭ ଦେଖନ୍ତୁ...

## ଯୁକ୍ତ୩ ନାମଲେଖା ଅବଧି ପୁଣି ବଢିଲ

ଭୁବନେଶ୍ୱର, ୨।୬ (ହି.ସ): ସ୍ନାତକ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ପୁଣି ବୃଦ୍ଧି ହୋଇଛି। ଛାତ୍ରଛାତ୍ରୀ ଜୁନ୍ ୪ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନଲାଇନରେ କମନ୍ ଆପ୍ଲିକେସନ୍ ଫର୍ମ (ସିଏଏଫ୍) ପୂରଣ କରିପାରିବେ। ଏହି ସମୟ ଅବଧି ମଧ୍ୟରେ ପୂର୍ବରୁ ସିଏଏଫ୍ ଦାଖଲ କରିଥିବା ଛାତ୍ରଛାତ୍ରୀ ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କିମ୍ବା ଯୁକ୍ତ୨ ମାର୍କ ଅପ୍ଲୋଡ୍ କରିପାରିବେ। ପ୍ରଥମ, ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟ ପ୍ରୋଭିଜନାଲ୍ ତାଲିକା ଓ ୱେଟିଂ ଲିଷ୍ଟ ଛାତ୍ରଛାତ୍ରୀଙ୍କ ନାମଲେଖା ତାରିଖ, କ୍ଲାସ ସମ୍ପର୍କରେ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ନାମଲେଖା ପ୍ରକ୍ରିୟାରେ ଛାତ୍ରଛାତ୍ରୀ ବୈଧ ଏସ୍ଇବିସି ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ। ସେହିପରି ଏନସିଟିଇ ନିର୍ଦ୍ଦେଶ ମୁତାବକ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏବିଏଡ୍/ବିଏସସିବିଏଡ୍ ପାଠ୍ୟକ୍ରମ ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବ୍ୟତୀତ ଅନ୍ୟ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଅନୁମତି ମିଳିଛି। ଯେଉଁ ଛାତ୍ରଛାତ୍ରୀ • ପୃଷ୍ଠା ୭ ଦେଖନ୍ତୁ...

## ଜେଇଇ ଆଡଭାନ୍ସଡ୍ ରେଜଲ୍ଟ ପ୍ରକାଶ, ରଜିତ ଗୁପ୍ତା ଟପ୍ପର

ନୂଆଦିଲ୍ଲୀ, ୨।୬ (ହି.ସ): ଜେଇଇ ଆଡଭାନ୍ସଡ ରେଜଲ୍ଟ ୨୦୨୫ ସୋମବାର ପ୍ରକାଶ ପାଇଛି। ଆଇଆଇଟି ଦିଲ୍ଲୀ ଜୋନର ରଜିତ ଗୁପ୍ତା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ରଜିତ ୩୬୦ ମାର୍କରୁ ୩୩୨ ମାର୍କ ପାଇ କମନ ରାଙ୍କ ଲିଷ୍ଟ (ସିଆର୍ଏଲ୍)ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଆଇଟି ଖଡ଼ଗପୁର ଜୋନର ଦେବଦତ୍ତ ମାଝୀ ୩୬୦ ମାର୍କରୁ ୩୧୨ ମାର୍କ ପାଇ ସିଆର୍ଏଲ୍ ୧୬ ସହିତ ଅଲ୍ ଇଣ୍ଡିଆ ମହିଳା ଟପ୍ପର ହୋଇଛନ୍ତି। ମେ' ୧୮ରେ ଅନୁଷ୍ଠିତ ଏହି ପରୀକ୍ଷାରେ ପେପର ୧ ଏବଂ ୨ ରେ ୧ ଲକ୍ଷ ୮୦ ହଜାର ୪୨୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୫୪ ହଜାର ୩୭୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ର jeeadv.ac.inରେ ସେମାନଙ୍କର ରେଜଲ୍ଟ ଦେଖିପାରିବେ।

## କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ଛୁଇଁଲାଣି, ରାଜଧାନୀ ସ୍ଥିତି ଚିନ୍ତାଜନକ



### ରାଜ୍ୟରେ କରୋନା ସଂକ୍ରମିତ ସଂଖ୍ୟା ୧୫କୁ ବୃଦ୍ଧି

ଭୁବନେଶ୍ୱର, ୨।୬ (ହି.ସ): ଓଡ଼ିଶାରେ ଆଉ ୪ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ସୋମବାର ସୁଦ୍ଧା ୧୫କୁ ବୃଦ୍ଧି ପାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ରବିବାର ୩ ଜଣ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଅଙ୍କ ଛୁଇଁଥିଲା। ଅନ୍ୟଜଣେ ରୋଗୀ କରୋନାରେ ପ୍ରାଣ ହରାଇଥିବା ଅଭିଯୋଗ ମଧ୍ୟ ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଯେଉଁ ସଂଖ୍ୟାରେ କରୋନା ପରୀକ୍ଷା ହେଉଛି ତାହା ତୁଳନାରେ କମ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି ବୋଲି ଡା. ମିଶ୍ର କହିଛନ୍ତି। ଭିଡ଼ ସ୍ଥାନକୁ ନ ଯିବାକୁ ସେ ପରାମର୍ଶ ଦେବା ସହିତ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଅନ୍ୟପଟେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଅତିକ୍ରମ କରିଛି।

ନୂଆଦିଲ୍ଲୀ, ୨।୬ (ହି.ସ): ଦେଶରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢିବା ଆରମ୍ଭ ହୋଇଛି। ସୋମବାର ସକାଳ ସୁଦ୍ଧା ଦେଶରେ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୯୬୧ରେ ପହଞ୍ଚି ଯାଇଛି। ଦେଶର ରାଜଧାନୀ ଦିଲ୍ଲୀରେ ଗୋଟିଏ ଦିନରେ ସର୍ବାଧିକ ୪୭ ଜଣ ନୂଆ ଆକ୍ରାନ୍ତ ହେବା ସମସ୍ତଙ୍କ ଚିନ୍ତା ବଢାଇ ଦେଇଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ ୨୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ସଂକ୍ରମଣ ବଢିଥିବା ବେଳେ ରାଜଧାନୀ ଦିଲ୍ଲୀରେ କରୋନା ଯୋଗୁ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦିଲ୍ଲୀରେ କରୋନା ଜନିତି ମୃତ୍ୟୁ ସଂଖ୍ୟା ଚଳିତ ଲହରରେ ୪ରେ ପହଞ୍ଚି ଯାଇଛି। ସେହିପରି ରାଜଧାନୀରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୮୩ ଛୁଇଁଛି। ବର୍ତ୍ତମାନ ସୁଦ୍ଧା କେରଳ କରୋନା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୧୪୩୫ ଥିବା ବେଳେ ଏହା ପଛକୁ ମହାରାଷ୍ଟ୍ରରେ ୫୦୬, ଦିଲ୍ଲୀରେ ୪୮୩, ପଶ୍ଚିମବଙ୍ଗରେ ୩୩୯ ଓ ଗୁଜରାଟରେ ୩୩୮ ଜଣ କରୋନା ଆକ୍ରାନ୍ତ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି। ଦିଲ୍ଲୀ ବ୍ୟତୀତ ଗତ ୨୪ ଘଣ୍ଟାରେ କେରଳ, ତାମିଲନାଡୁ ଓ ମହାରାଷ୍ଟ୍ରରେ ମଧ୍ୟ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଦିଲ୍ଲୀରେ ପ୍ରାଣ ହରାଇ ୨୨ ବର୍ଷୀ ମହିଳା ଜଣଙ୍କ ପୂର୍ବରୁ ଫୁସଫୁସ ଜନିତ ସଂକ୍ରମଣରେ ପୀଡ଼ିତ ଥିଲେ। ତାମିଲନାଡୁରେ ଜଣେ ୨୫ ବର୍ଷୀୟ ଯୁବକ ଓ ମହାରାଷ୍ଟ୍ରରେ ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କ ମୁଣ୍ଡ ନେଇଛି କରୋନା। କିନ୍ତୁ କେରଳରେ କରୋନା ଯୋଗୁ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ବିଷୟରେ ବିସ୍ତୃତ ତଥ୍ୟ ଆସିନାହିଁ। ସରକାରୀ ସୂତ୍ର ଅନୁଯାୟୀ, ଦେଶର କରୋନା ସ୍ଥିତି ଉପରେ ବରିଷ୍ଠ ଅଧିକାରୀମାନଙ୍କ ନଜର ରହିଛି। ସଂକ୍ରମଣ ଗୁରୁତର ସ୍ଥିତି ସୃଷ୍ଟି କରୁନାହିଁ। ଅଧିକାଂଶ ଲୋକ ଘରେ ସଙ୍ଗରୋଧରେ ରହି କରୋନାରୁ ସୁସ୍ଥ ହେଉଛି। ଏବେ ଚିନ୍ତା କରିବାର କୌଣସି • ପୃଷ୍ଠା ୭ ଦେଖନ୍ତୁ...



# ସୁନା ଋଣ ନିୟମ ବଦଳାଇଲା ଆର୍‌ବିଆଇ



**ନୂଆଦିଲ୍ଲୀ,(ହି.ସ):** ଭାରତୀୟ ରିଜର୍ଭ ବ୍ୟାଙ୍କ ଗୋଲ୍ଡ ଲୋନ୍ ଅର୍ଥାତ୍ ସୁନା ଉପରେ ଋଣ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି। ନୂତନ ନିୟମ ଅନୁଯାୟୀ, ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ କହିଛି ଯେ ଏବେ କେବଳ ସୁନା ଅଳଙ୍କାର ଏବଂ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ସୁନା ମୁଦ୍ରା ବଦଳରେ ସୁନା ଋଣ ଦିଆଯାଇପାରିବ। ଆର୍‌ବିଆଇ ସ୍ପଷ୍ଟ ଭାବରେ କହିଛି ଯେ ଯେଉଁମାନଙ୍କ ପାଖରେ ସୁନା ବାର୍, ବୁଲାନ୍ କିମ୍ବା ଇଣ୍ଗୋଟ୍ ଅଛି ସେମାନଙ୍କୁ ସୁନା ଋଣ ମିଳିବ ନାହିଁ। ଅର୍ଥାତ୍, କେବଳ ଯେଉଁମାନଙ୍କ ପାଖରେ ସୁନା ଅଳଙ୍କାର କିମ୍ବା ମୁଦ୍ରା ଅଛି ସେମାନେ ସୁନା ଋଣ ପାଇପାରିବେ। ଆରବିଆଇ ପକ୍ଷରୁ କୁହାଯାଇଛି ଯେ ଗୋଲ୍ଡ ଲୋନ୍ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ନିୟମାନୁସାରୀ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ଗତ କିଛି ମାସ ମଧ୍ୟରେ ସୁନା ଋଣରେ ଅନିୟମିତତା ଦେଖାଦେଇଥିବା ରିପୋର୍ଟ ସାମ୍ନାକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଏବଂ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକୁ ସେମାନଙ୍କ ନୀତି ଓ ପ୍ରକ୍ରିୟାର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକୃତରେ, ଯେତେବେଳେ ଟଙ୍କାର ଜରୁରୀ ଆବଶ୍ୟକତା ଥାଏ, ସେତେବେଳେ ଭାରତରେ ଲୋକମାନେ ପ୍ରାୟତଃ ସୁନା ଉପରେ ଋଣ ନେବାର ବିକଳ୍ପ ବାଛନ୍ତି। ଏପରି ପରିସ୍ଥିତିରେ, ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ହୋଇଯାଏ ଯେ ଆର୍‌ବିଆଇ ସୁନା ଋଣ ସହିତ ଜଡିତ ନିୟମ କାହିଁକି ପରିବର୍ତ୍ତନ କରୁଛି। ଆର୍‌ବିଆଇ ସୁନା ଋଣ ସହିତ ଜଡିତ ନିୟମ କାହିଁକି ପରିବର୍ତ୍ତନ କରୁଛି କାରଣ ସାମ୍ପ୍ରତିକ ସମୟରେ ଅନେକ ଲୋକ ସୁନା ଉପରେ ଋଣ ନେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ସୁନାର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୨୪ କ୍ୟାରେଟ୍ ୧୦ ଗ୍ରାମ ସୁନାର ମୂଲ୍ୟ ପ୍ରାୟ ୯୫,୭୬୦ ରହିଥିବା ବେଳେ ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପ୍ରତି ୮୭,୭୮୦ ଟଙ୍କା ରହିଛି। ସୁନା ଋଣର ଚାହିଦା ବୃଦ୍ଧି ପାଉଥିବା ବେଳେ ଅନାଦାୟ ଋଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଯେତେବେଳେ ଜଣେ ବ୍ୟକ୍ତି ଋଣ ପରିଶୋଧ କରିବାକୁ ଅକ୍ଷମ ହୁଅନ୍ତି, ସେହି ଋଣକୁ ଏନ୍‌ପିଏରେ ଗଣନା କରାଯାଏ। ତେଣୁ, ଯଦି ସମୟ ମଧ୍ୟରେ କଠୋର ନିର୍ଦ୍ଦେଶାବଳୀ ପ୍ରସ୍ତୁତ ନ କରାଯାଏ, ତେବେ ଏହା ବ୍ୟାଙ୍କ ଏବଂ ଋଣଗ୍ରହୀତା ଉଭୟଙ୍କ ପାଇଁ କ୍ଷତି ଘଟାଇପାରେ। ଇଣ୍ଡିଆନ୍ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ଡିସେମ୍ବର ୨୦୨୪ ସୁଦ୍ଧା, ବ୍ୟାଙ୍କଗୁଡ଼ିକର ୨,୦୪୦ କୋଟି ଟଙ୍କାର ସୁନା ଋଣ ଏନ୍‌ପିଏ ହୋଇଯାଇଥିଲା। ଯେଉଁଠାରେ ଏକ ବର୍ଷ ପୂର୍ବେ ଅର୍ଥାତ୍ ଡିସେମ୍ବର ୨୦୨୩ରେ, କେବଳ ୧,୪୦୪ କୋଟି ଟଙ୍କାର ସୁନା ଋଣ ଏନ୍‌ପିଏ ଥିଲା। ଏହା ସତ୍ୟ ଯେ ସୁନା ଋଣ ନିଶ୍ଚିତ ଭାବରେ ଯେ କୌଣସି ତୁରନ୍ତ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିପାରିବ। ଏହା ବ୍ୟତୀତ, ତାଙ୍କର କ୍ରେଡିଟ୍ ସ୍କୋର ମଧ୍ୟ ଖରାପ ହୋଇଯାଏ। ଭାରତରେ ଅଳଙ୍କାରର ମଧ୍ୟ ଭାବପ୍ରବଣତା ରହିଛି। ତେଣୁ, ଅଳଙ୍କାର ହରାଇବାର ଯନ୍ତ୍ରଣା କେବଳ ଟଙ୍କାର ନୁହେଁ ବରଂ ଭାବପ୍ରବଣତାର ମଧ୍ୟ। ସେହି ସମୟରେ, ଯଦି ଅଧିକ ଲୋକଙ୍କ ସୁନା ଋଣ ଡିଫଲ୍ଟ ହୁଏ ଅର୍ଥାତ୍, ଯଦି ବ୍ୟାଙ୍କ ଋଣ ଫେରସ୍ତ ନ ପାଏ, ତେବେ ଋଣ ପ୍ରଦାନକାରୀ ସଂସ୍ଥାକୁ ଟଙ୍କାର ଅଭାବର ସମ୍ମୁଖୀନ ହେବାକୁ ପଡ଼ିପାରେ। କାରଣ ଅଳଙ୍କାର ନିଲାମ ପ୍ରକ୍ରିୟା ବହୁତ ଲମ୍ବା ଏବଂ ଜଟିଳ, ଯାହା ଫଳରେ ସମୟ ମଧ୍ୟରେ ଟଙ୍କା ଫେରସ୍ତ ପାଇବା କଷ୍ଟକର ହୋଇପଡ଼େ। କିନ୍ତୁ ଯଦି ସେ ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ଏହା ତାଙ୍କର ଚାଲିଥିବା ଆର୍ଥିକ ସଙ୍କଟକୁ ଦର୍ଶାଏ। ଏପରି ପରିସ୍ଥିତିରେ, ଯଦି ତାଙ୍କର ଅଳଙ୍କାର ମଧ୍ୟ ନିଲାମ ହୁଏ, ତେବେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ହରାଇବାକୁ ପଡ଼ିଥାଏ।

## ବ୍ୟାଙ୍କକୁ ଫେରିନି ୬୧୮୧ କୋଟି ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍




**ମୁମ୍ବାଇ,(ହି.ସ):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୦୦ ଟଙ୍କାର ନୋଟ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି। କିନ୍ତୁ ଏହି ନୋଟଗୁଡ଼ିକର ଏକ ବଡ଼ ସଂଖ୍ୟା ଏବେ ବି ଲୋକଙ୍କ ପାଖରେ ପଡ଼ି ରହିଛି। ଏଗୁଡ଼ିକର ମୋଟ ମୂଲ୍ୟ ୬୧୮୧ କୋଟି ଟଙ୍କା ହେବ। ଗତ ମେ ୧ ତାରିଖ ସୁଦ୍ଧା ଏହି ପରିମାଣ ୬୨୬୬ କୋଟି ଟଙ୍କା ଥିଲା। ଅର୍ଥାତ୍ ଆଉ ବିଶେଷ ପରିମାଣର ୨୦୦୦ ଟଙ୍କିଆ ନୋଟ ଫେରୁନାହିଁ। ରିଜର୍ଭ ବ୍ୟାଙ୍କ୍ ୨ ଜୁନରେ ଜାରି ଏକ ବିବୃତ୍ତିରେ କହିଛି ଯେ ୧୯ ମଇ, ୨୦୨୩ ରେ ବ୍ୟବସାୟ ଶେଷ ହେବା ବେଳକୁ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା। ଯାହା ୩୧ ମେ, ୨୦୨୫ ସୁଦ୍ଧା ହ୍ରାସ ପାଇ ୬,୧୮୧ କୋଟି ଟଙ୍କାରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କ୍ ୨ ଜୁନରେ ଜାରି ଏକ ବିବୃତ୍ତିରେ କହିଛି ଯେ ୧୯ ମଇ, ୨୦୨୩ରେ ବ୍ୟବସାୟ ଶେଷ ହେବା ବେଳକୁ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୩୧ ମେ, ୨୦୨୫ ସୁଦ୍ଧା ହ୍ରାସ ପାଇ ୬,୧୮୧ କୋଟି ଟଙ୍କାରେ ପହଞ୍ଚିଛି। ତେଣୁ, ୧୯ ମଇ, ୨୦୨୩ ସୁଦ୍ଧା ପ୍ରଚଳନରେ ଥିବା ୨୦୦୦ ଟଙ୍କାର ନୋଟର ୯୮.୨୬ ପ୍ରତିଶତ ଫେରି ଆସିଛି ବୋଲି ରିଜର୍ଭ ବ୍ୟାଙ୍କ କହିଛି। ଆପଣଙ୍କୁ କହିରଖୁଛୁ ଯେ, ନୋଟ ପ୍ରତ୍ୟାହାର ନିଷ୍ପତ୍ତି ପରେ ମଧ୍ୟ ୨୦୦୦ ଟଙ୍କାର ନୋଟ୍ ବୈଧ ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ୧୯ ମଇ, ୨୦୨୩ରେ ୨୦୦୦ ଟଙ୍କାର ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର ଘୋଷଣା କରିଥିଲା। ବର୍ତ୍ତମାନ ବି ରିଜର୍ଭ ବ୍ୟାଙ୍କର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଏସବୁ ନୋଟ ବଦଳ କରିହେବ। ପୁଣି ଡାକଘର ମାଧ୍ୟମରେ ଏସବୁ ନୋଟ ପଠାଇଲେ ତାହା ଗ୍ରାହକଙ୍କ ବ୍ୟାଙ୍କ ଖାତାରେ ଜମା ହୋଇପାରିବ।

## ଜିଏସ୍‌ଟି ବୃଦ୍ଧି : ମେ'ରେ ୫୧୦୮ କୋଟି ସଂଗ୍ରହ




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ସାମଗ୍ରୀ ଓ ସେବା ଟିକସ (ଜିଏସଟି) ସଂଗ୍ରହରେ ଓଡ଼ିଶାରେ ନଗଣ୍ୟ ୨ ପ୍ରତିଶତର ବୃଦ୍ଧି ହୋଇଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ମେ'ରେ ଓଡ଼ିଶାରେ ୫୧୦୮ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଛି। ଏହା ୨୦୨୪ ମେ'ରେ ସଂଗ୍ରହ କରାଯାଇଥିବା ୫୦୨୭ କୋଟି ଟଙ୍କା ତୁଳନାରେ ମାତ୍ର ଦୁଇ ପ୍ରତିଶତ ଅଧିକ। କିନ୍ତୁ କର୍ଣ୍ଣାଟକ (୨୦%), କେରଳ (୨୪%), ମହାରାଷ୍ଟ୍ର (୧୭%), ମଧ୍ୟପ୍ରଦେଶ (୧୦%), ପଶ୍ଚିମବଙ୍ଗ (୧୮%), ପଞ୍ଜାବ (୧୦%) ଓ ହରିୟାଣା(୧୦%) ଭଳି ରାଜ୍ୟ ଜିଏସ୍‌ଟି ସଂଗ୍ରହ ବାଇବାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛନ୍ତି। ଜିଏସଟି ସଂଗ୍ରହ ବୃଦ୍ଧିର ଜାତୀୟ ହାର ୧୬.୪ ପ୍ରତିଶତଠାରୁ ମଧ୍ୟ ଓଡ଼ିଶା ବହୁ ପଛରେ ରହିଛି। ମେ'ରେ ଜାତୀୟ ସ୍ତରରେ ୨.୦୧ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଛି। ଚଳିତ ବର୍ଷ ଏପ୍ରିଲ୍‌ରେ କିନ୍ତୁ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କାର ଜିଏସଟି ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ମେ'ରେ ୩୫.୪୩୪ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସଟି, ୪୩,୯୦୨ କୋଟି ଟଙ୍କାର ରାଜ୍ୟ ଜିଏସଟି ଓ ୧.୦୯ ଲକ୍ଷ କୋଟି ଟଙ୍କାର ସମନ୍ୱିତ ଜିଏସଟି ସଂଗ୍ରହ କରାଯାଇଥିଲା। ଜେଲଏଟ୍ ଇଣ୍ଡିଆର ପାର୍ଟନର ଏମ୍ ଏସ୍ ମଣିଙ୍କ ଅନୁସାରେ ମେ' ମାସ ଜିଏସଟି ସଂଗ୍ରହରେ ଜାତୀୟ ସ୍ତରରେ କେଣସି ସ୍ୱଷ୍ଟ ଚିତ୍ର ପ୍ରତିଫଳିତ ହୋଇନାହିଁ। ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ରାଜ୍ୟରେ ଜିଏସଟି ସଂଗ୍ରହ ୧୭-୨୫ ପ୍ରତିଶତ ଭଳି ଉଚ୍ଚ ହାରରେ ବଢ଼ିଛି। କିନ୍ତୁ ଗୁଜରାଟ ଓ ତେଲେଙ୍ଗାନା ଭଳି ରାଜ୍ୟରେ ଏହି ଅଭିବୃଦ୍ଧି ହାର ୬ ପ୍ରତିଶତ ଭିତରେ ସୀମିତ ରହିଛି। ମଧ୍ୟପ୍ରଦେଶ, ରାଜସ୍ଥାନ ଓ ହରିୟାଣାରେ ୧୦ ପ୍ରତିଶତ ଅଭିବୃଦ୍ଧି ହୋଇଛି। କ୍ଷେତ୍ରଭିତ୍ତିକ ପ୍ରଦର୍ଶନ କିମ୍ବା ଋତୁଭିତ୍ତିକ କାରଣ ପାଇଁ ଏଭଳି ଘଟିଥାଇପାରେ ବୋଲି ସେ କହିଛନ୍ତି।

## ଟିକସ ଆଦାୟ ଲକ୍ଷ୍ୟ : ଖଣିରୁ ଆସିବ ୪୭ହଜାର କୋଟି



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ରାଜ୍ୟ ଅର୍ଥନୀତିରେ ଖଣିଜ ଓ ଧାତବ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ରାଜସ୍ୱ ସଂଗ୍ରହରେ ଏହି କ୍ଷେତ୍ର ଆଗରେ ରହୁଛି। ଚଳିତ ବର୍ଷ ଖଣି କାର୍ଯ୍ୟକଳାପରୁ ରାଜ୍ୟ ସରକାର ୪୭,୪୬୭.୯୩ କୋଟି ଟଙ୍କାର ଟିକସ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଲୁହାପଥର, କୋଇଲା ଓ ବକ୍ସାଇଟ୍ ଭଳି ପ୍ରମୁଖ ଖଣିଜ ପଦାର୍ଥରୁ ୪୬,୫୬୭.୨୮ କୋଟି ଟଙ୍କାର ଟିକସ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଲଘୁ ଖଣିଜରୁ ୯୦୦.୦୫ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରହିଛି। ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ତଥ୍ୟ ଅନୁସାରେ ୨୦୧୪-୧୫ରେ ଖଣି ରାଜସ୍ୱ ପରିମାଣ ମାତ୍ର ୫୩୩୫.୦୫ କୋଟି ଟଙ୍କା ଥିଲା। ୨୦୧୮-୧୯ ପରଠାରୁ ଏହି କ୍ଷେତ୍ରରୁ ରାଜସ୍ୱ ସଂଗ୍ରହ ହଠାତ୍ ତ୍ୱରାନ୍ୱିତ ହୋଇଥିଲା। ସେହିବର୍ଷ ୧୦,୦୩୯.୫୯ କୋଟି ଟଙ୍କାର ଖଣି ରାଜସ୍ୱ ସଂଗ୍ରହ କରାଯାଇଥିଲା। ୨୦୨୧-୨୨ରେ ସର୍ବାଧିକ ୪୯,୮୫୯.୧୨ କୋଟି ଟଙ୍କାର ଖଣିଜ ରାଜସ୍ୱ ସଂଗ୍ରହ କରାଯାଇଥିଲା, ଯାହା ଏକ ରେକର୍ଡ ହୋଇରହିଛି। ପରବର୍ତ୍ତୀ ବର୍ଷ ୨୦୨୨-୨୩ରେ ତାହା ୩୮,୦୭୫.୦୪ କୋଟି ଟଙ୍କାକୁ ହ୍ରାସ ପାଇଥିଲା ଏବଂ ୨୦୨୩-୨୪ରେ ୪୬,୩୯୬.୨୭ କୋଟି ଟଙ୍କା ଖଣି ରାଜସ୍ୱ ସଂଗ୍ରହ ହୋଇଥିଲା। ତେବେ କେବଳ ଖଣି ନୁହେଁ, ଅନ୍ୟାନ୍ୟ ସୂତ୍ରରୁ ମଧ୍ୟ ଟିକସ ଆଦାୟ ବାଇବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ଜୋର୍ ଦେଉଛନ୍ତି। ବାଣିଜ୍ୟିକ ଟିକସ ଭାବେ ୪୪,୩୯୪.୬୬ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହିବର୍ଷ ୨୮,୧୭୪.୮୭ କୋଟି ଟଙ୍କାର ଜିଏସ୍‌ଟି, ୧୫,୯୬୯.୮୮ କୋଟି ଟଙ୍କାର ମୂଲ୍ୟଯୁକ୍ତ ଟିକସ (ଭାଟ୍) ଓ ୨୫୦ କୋଟି ଟଙ୍କାର ବିକ୍ରି କର ସଂଗ୍ରହ କରିବା ଲକ୍ଷ୍ୟ ରଖିଛି। ସେହିପରି ଯାନ ଟିକସ ବାବଦରେ ୩୦୩୩.୬୮ କୋଟି ଟଙ୍କା, ୪୬୩୪.୬୮ କୋଟି ଟଙ୍କାର ବିଦ୍ୟୁତ୍ ଶୁଳ୍କ, ଶିଳ୍ପରୁ ୧୨୯୬.୩୫ କୋଟି ଟଙ୍କାର ଜଳ କର ଏବଂ ଜଳସେଚନରୁ ୨୫.୩୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଜମି ରାଜସ୍ୱ ବାବଦରେ ୯୮୦ କୋଟି ଟଙ୍କା, ୨୬୧୦.୩୬ କୋଟି ଟଙ୍କାର ଜମି ପଞ୍ଜୀକରଣ ଶୁଳ୍କ, ୯୭୫୩.୬୩ କୋଟି ଟଙ୍କାର ଅବକାରୀ ଶୁଳ୍କ ସଂଗ୍ରହ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

## ଡୁମାଣୀ ଖବର — ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଜୁନ୍ ୧୫ ତାରିଖରେ ହେବାକୁ ଥିବା ନିଟ୍ ପିଜି ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ,(ହି.ସ):** ନ୍ୟାସନାଲ୍ ବୋର୍ଡ ଅଫ୍ ଏକଜାମିନାସନ୍ ଇନ୍ ମେଡିକାଲ୍ ସାଇନ୍ସ (ଏମବିଇଏମଏସ୍) ନିଟ୍ ପିଜି ୨୦୨୫ ପରୀକ୍ଷାକୁ ସ୍ଥଗିତ ରଖିଛି। ନିଟ୍ ପିଜି ପରୀକ୍ଷା ପୂର୍ବରୁ ଜୁନ୍ ୧୫ ତାରିଖରେ ହେବାକୁ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ସପ୍ତାହରେ ଏକ ଆବେଦନର ଶୁଣାଣି କରି କୋର୍ଟ କର୍ତ୍ତୃପକ୍ଷଙ୍କୁ ଏମବିବିଏସ୍ ଏବଂ ଡେଣ୍ଟାଲ୍ ପ୍ରୋଗ୍ରାମରେ ପ୍ରବେଶ ପାଇଁ ପରୀକ୍ଷା ଦୁଇଟି ବଦଳରେ ଗୋଟିଏ ସିଫ୍ଟରେ କରିବାକୁ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ, ଏମବିଇଏମଏସ୍ ସୋମବାର ଘୋଷଣା କରିଛି ଯେ ଏବେ ନିଟ୍ ପିଜି ୨୦୨୫ ଗୋଟିଏ ସିଫ୍ଟରେ କରାଯିବ। ଏହି ନିଷ୍ପତ୍ତି ପାଇଁ ଲଜିଷ୍ଟିକ୍ ଆଡଜଷ୍ଟମେଣ୍ଟ ଆବଶ୍ୟକ, ବିଶେଷକରି ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ଏବଂ ସମସ୍ତ ପ୍ରାର୍ଥୀଙ୍କୁ ଏକକାଳୀନ ସ୍ଥାପିତ କରିବା ପାଇଁ ଭିତ୍ତିଭୂମି ବୃଦ୍ଧି କରିବା ଆବଶ୍ୟକ। ଏକ ସରକାରୀ ବିଜ୍ଞପ୍ତିରେ, ଏନବିଇ କହିଛି, 'ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଡବ୍ଲୁ ନଂ. ୪୫୬/୨୦୨୫ ରେ ନିର୍ଦ୍ଦେଶ ଦେଇଛନ୍ତି ଯେ: 'ଆମେ, ତେଣୁ, ପ୍ରତିପକ୍ଷମାନଙ୍କୁ ନିଟ ପିଜି ୨୦୨୫ ପରୀକ୍ଷାକୁ ଗୋଟିଏ ସିଫ୍ଟରେ ପରିଚାଳନା କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଉଛୁ, ଯାହା ନିଶ୍ଚିତ କରିବ ଯେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖାଯିବ ଏବଂ ସୁରକ୍ଷିତ କେନ୍ଦ୍ରଗୁଡ଼ିକୁ ଚିହ୍ନଟ ଏବଂ କାର୍ଯ୍ୟକ୍ଷମ କରାଯିବ। ତେଣୁ, ଏମବିଇଏମଏସ୍ ନିଟି ପିଜି ୨୦୨୫ ପରୀକ୍ଷାକୁ ଗୋଟିଏ ସିଫ୍ଟରେ ପରିଚାଳନା କରିବ।

## ୟୁକ୍ରେନ୍‌ର ପ୍ରଚଣ୍ଡ ଆକ୍ରମଣ : ଋଷର ୨ ପ୍ରମୁଖ ବାୟୁସେନା ଘାଟି ଛାରଖାର



**ନୂଆଦିଲ୍ଲୀ,(ହି.ସ):** ୟୁକ୍ରେନ୍ ଆଜି ଋଷ୍‌ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବାୟୁସେନା ଘାଟି ଓଲେନିଆ ଓ ବେଲିଆ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଏହି ଆକ୍ରମଣରେ ୟୁକ୍ରେନ୍ ସେନା ଶକ୍ତିଶାଳୀ ଡ୍ରୋନ୍ ବ୍ୟବହାର କରି ଉଭୟ ବାୟୁସେନା ଘାଟିକୁ ଛାରଖାର କରିଦେଇଛି। ଏଥିରେ ଋଷର ୪୦ଟି ଯୁଦ୍ଧ ବିମାନ ନଷ୍ଟ ହୋଇଥିବା ୟୁକ୍ରେନ୍ ଦାବି କରିଛି। ଚଳିତ ଯୁଦ୍ଧରେ ଏହି ଆକ୍ରମଣ ୟୁକ୍ରେନ୍ ସେନାର ଏ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ ବୋଲି କୁହାଯାଉଛି। ରଣନୀତିକ ଦୃଷ୍ଟିରୁ ଉଭୟ ଘାଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ୟୁକ୍ରେନ୍ ଉପରେ ବୋମା ମାଡ଼ କରିବା ପାଇଁ ଏହାର ସର୍ବାଧିକ ବ୍ୟବହାର ହେଉଥିଲା। ଗତରାତିରେ ଋଷ୍ ୟୁକ୍ରେନ୍‌ର ପ୍ରମୁଖ ସହରଗୁଡ଼ିକୁ ଟାର୍ଗେଟ୍ କରି ୪ ଶହରୁ ଅଧିକ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା ଏବଂ ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ଜବାବରେ ଆଜି ୟୁକ୍ରେନ୍ ଋଷ୍‌ର ୪ଟି ବାୟୁସେନା ଘାଟିକୁ ଟାର୍ଗେଟ୍ କରି ଆକ୍ରମଣ କରିଥିଲା ଏବଂ ଏଥିରେ ୨ଟି ଘାଟି ଛାରଖାର ହୋଇଛି। ଆସନ୍ତାକାଲି ଇସ୍ତାନବୁଲରେ ଶାନ୍ତି ଆଲୋଚନା ଥିବା ବେଳେ ଏହା ପୂର୍ବରୁ ଏଭଳି ଆକ୍ରମଣ ସମଗ୍ର ପ୍ରୟାସକୁ ଭଣ୍ଡୁର କରିଦେବା ଆଶଙ୍କା ପ୍ରକାଶ ପାଇଛି। ୟୁକ୍ରେନ୍ ସୁରକ୍ଷା ସେବା (ଏସ୍‌ବିୟୁ)ର ଜଣେ ଅଧିକାରୀ କହିଛନ୍ତି ଯେ ସେମାନଙ୍କ ଡ୍ରୋନ୍ ରୁଷୀୟ ଅଞ୍ଚଳର ବହୁତ ଭିତରକୁ ଯାଇ ଟିୟୁ-୯୫, ଟିୟୁ-୨୨ ଏବଂ ଏ-୫୦ ଗୁପ୍ତଚର ବିମାନ ଭଳି ବଡ଼ ବୋମାବର୍ଷୀ ବିମାନକୁ କ୍ଷତି ପହଞ୍ଚାଇବାରେ ସକ୍ଷମ ହୋଇଛି। ୪୦ରୁ ଅଧିକ ବିମାନ ନଷ୍ଟ କରାଯିବା ଆମ ପାଇଁ ବହୁତ ବଡ଼ ସଫଳତା ବୋଲି ସଂପୃକ୍ତ ଅଧିକାରୀ କହିଛନ୍ତି। ରୁଷ୍ ଉପରେ ଏଭଳି ଭୟାନକ ଆକ୍ରମଣ ପାଇଁ ୟୁକ୍ରେନ୍‌ର ଏହି ଜଟିଳ ଅପରେସନ ଅତ୍ୟନ୍ତ ଗୁପ୍ତ ଥିଲା ଏବଂ ଏହାର ନାମ ରଖାଯାଇଥିଲା 'ଅପରେସନ୍ ସ୍ପାଇଡର୍ ୱେବ୍'। ରୁଷ୍‌ର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ୪ଟି ଏୟାରବେସ୍‌କୁ ଟାର୍ଗେଟ କରିବା ପାଇଁ ଶତାଧିକ ଡ୍ରୋନ୍‌କୁ ଟ୍ରକ୍ ମାଧ୍ୟମରେ ପଠାଯାଇଥିଲା ଏବଂ ରୁଷୀୟ ଗୁଇନ୍ଦା ସଂସ୍ଥା ଏହାର ଟେର୍ ପାଇନଥିଲା। ଡ୍ରୋନ୍ ବାହକ ଟ୍ରକଗୁଡ଼ିକୁ ଟାର୍ଗେଟ୍ କରାଯାଇଥିବା ବାୟୁସେନା ଘାଟିର ଅତି ନିକଟରେ ପହଞ୍ଚାଇବାକୁ ୟୁକ୍ରେନ୍ ସକ୍ଷମ ହୋଇଥିଲା। ପରେ ରିମୋଟ୍‌ରେ ଏହାକୁ ସକ୍ରିୟ କରାଯାଇ ବିଭିନ୍ନ ବାୟୁସେନା ଘାଟିରେ ଆକ୍ରମଣ କରାଯାଇଥିଲା। ଏହି କାରଣରୁ ଋଷ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ଠାବ କରିପାରି ନଥିଲା। ଏହି ଆକ୍ରମଣକୁ ରୁଷ୍ ସ୍ୱୀକାର କରିଛି ଏବଂ ମୋଟ ୫ଟି ଅଞ୍ଚଳରେ ୪ଟି ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିବା କହିଛି। ସୂଚନାଯୋଗ୍ୟ, ଟିୟୁ-୯୫ ହେଉଛି ୧୯୫୦ ଦଶକର ଏକ ପୁରୁଣା ବିମାନ ଏବଂ ଏହା ଅନେକ କ୍ରୁଜ୍ କ୍ଷେପଣାସ୍ତ୍ର ବହନ କରିବାରେ ସକ୍ଷମ। ଦୂର ସହରଗୁଡିକୁ ଟାର୍ଗେଟ୍ କରିବା ପାଇଁ ରୁଷ୍ ଏହି ବିମାନ ବ୍ୟବହାର କରୁଥିଲା। ଏଥିରେ ଜେଟ୍ ଇଞ୍ଜିନ୍ ପରିବର୍ତ୍ତେ ବଡ଼ ରୋଟେଟିଂ ପ୍ରୋପେଲର୍ ରହିଛି ଏବଂ ଏହା ଦୀର୍ଘ ଦୂରତା ଅତିକ୍ରମ କରିପାରିବାର ସାମର୍ଥ୍ୟ ରଖୁଛି। ଟିୟୁ-୨୨ ହେଉଛି ଏକ ହାଇସ୍ପିଡ୍ ଯୁଦ୍ଧ ବିମାନ ଯାହା ଶକ୍ତିଶାଳୀ କ୍ଷେପଣାସ୍ତ୍ର ବହନ କରିପାରିବ। ଆମେରିକା କିମ୍ବା ୟୁରୋପର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ ନ ହେଲେ ଏହି ବିମାନଗୁଡ଼ିକର ଆକ୍ରମଣ ବନ୍ଦ କରିବା ୟୁକ୍ରେନ୍ ପାଇଁ ସହଜ ନୁହେଁ। ଅନ୍ୟପକ୍ଷରେ ଏ-୫୦ ଏକ ବିରଳ ଓ ବ୍ୟୟବହୁଳ ବିମାନ ଏବଂ ରୁଷ୍ ପାଖରେ ଏଭଳି ପ୍ରାୟ ୧୦ଟି ବିମାନ ରହିଛି। ଯାହାର ମୂଲ୍ୟ ବିମାନ ପିଛା ପ୍ରାୟ ୩୫୦ ନିୟୁତ ଡଲାର। ବିଶ୍ୱର ସର୍ବବୃହତ ବୋମାବର୍ଷୀ ଟିୟୁ-୧୬୦ ୧୯୮୦ ଦଶକରେ ନିର୍ମିତ ହୋଇଥିଲେ ମଧ୍ୟ ରୁଷ୍ ବାୟୁସେନାର ସବୁଠାରୁ ମାରାତ୍ମକ ବିମାନ ଭାବେ ପରିଗଣିତ ହେଉଛି। ଏହା ଅନେକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ବହନ କରିବାରେ ସକ୍ଷମ। ୟୁକ୍ରେନ୍ କହିଛି ଯେ ପ୍ରତ୍ୟେକ ରାତିରେ ୟୁକ୍ରେନ୍‌ର ବିଭିନ୍ନ ସହରରେ ବୋମା ମାଡ଼ କରାଯାଉଥିବାରୁ ଏହି ବିମାନଗୁଡ଼ିକୁ ଟାର୍ଗେଟ୍ କରି ଆକ୍ରମଣ କରାଯାଇଥିଲା। ଅନ୍ୟପକ୍ଷରେ ଡ୍ରୋନ୍ ଅଟକାଇବାରେ ରୁଷ୍‌ର ବିଫଳତା ଯୋଗୁଁ ଭୀଷଣ କ୍ଷୟକ୍ଷତି ସାମନା କରିବାକୁ ପଡ଼ିଛି।

## — ସଂପାଦକୀୟ —

# ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ

ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଜ୍ଞାମାଳର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଆଜ୍ଞାମାଳକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ବୋଲି ବିବେଚିତ କରାଯାଏ। ଜଗନ୍ନାଥ ମହାପ୍ରଭୁଙ୍କ ଯେତେବେଳେ ଯେଉଁ କାର୍ଯ୍ୟ ଅନୁକୂଳ ହୁଏ, ସବୁ କାର୍ଯ୍ୟରେ ଆଜ୍ଞାମାଳର ଆବଶ୍ୟକତା ପଡ଼େ। ରଥ ଟଣା ପୂର୍ବରୁ ଜଗନ୍ନାଥଙ୍କ ଆଜ୍ଞାମାଳ ଯାଏ। ଚନ୍ଦନ ଯାତ୍ରା ସମୟରେ ରଥ ଅନୁକୂଳ ସମୟରେ ମଧ୍ୟ ଆଜ୍ଞାମାଳ ନିଆଯାଏ। ମୁଖ୍ୟତଃ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁ ସଂଗ୍ରହ ନିମନ୍ତେ ବନଯୋଗ ଯାତ୍ରୀ ଦଳ ଶ୍ରୀମନ୍ଦିରରୁ ବାହାରିବା ବେଳେ ସାଥିରେ ଆଜ୍ଞାମାଳ ନିଅନ୍ତି। ପତି ମହାପାତ୍ର ନିଜେ ରତ୍ନ ସିଂହାସନ ଉପରକୁ ଉଠି ତିନି ଠାକୁରଙ୍କ ନିକଟରୁ ଆଜ୍ଞାମାଳ ଆଣି ତିନି ବାଡ଼ଗ୍ରାହୀଙ୍କୁ ଦିଅନ୍ତି। ସୁଦର୍ଶନଙ୍କ ଆଜ୍ଞାମାଳ ସିଏ ନିଜେ ଧରି ସିଂହାସନରୁ ଓହ୍ଲାନ୍ତି। ବାଡ଼ଗ୍ରାହୀଙ୍କ ସମେତ ପତି ମହାପାତ୍ର ଆଜ୍ଞାମାଳ ଧରି ଜଗନ୍ନାଥ ବଲ୍ଲଭମଠରେ ପହଞ୍ଚନ୍ତି। ରାଜାଙ୍କ ପାଖରୁ ବିଶ୍ୱାବସୁ ଏବଂ ବିଦ୍ୟାପତି ଗୁଆ ଟେକି ସାରିଲା ପରେ ଦେଉଳ କରଣଙ୍କୁ ଏହି ଆଜ୍ଞାମାଳ ହସ୍ତାନ୍ତରିତ ହୋଇଥାଏ। ଦେଉଳ କରଣ ଏହି ୪ଟି ଯାକ ଆଜ୍ଞାମାଳ ୪ଟି ତାଳପତ୍ର ପେଡ଼ିରେ ରଖି ନିଜ ହେପାଜତରେ ଦେଉଳି ମଠକୁ ଶଗଡ଼ିରେ ଆଣିଥାନ୍ତି। ଦେଉଳି ମଠରେ ଆଜ୍ଞାମାଳକୁ ଅତି ଯତ୍ନର ସହିତ ରଖାଯାଏ। ଦାରୁ ଚିହ୍ନଟ ପ୍ରକ୍ରିୟା ସରିବା ପରେ ଚକ୍ର ନାରାୟଣଙ୍କ ସହିତ ଆଜ୍ଞାମାଳ ଗୁଡ଼ିକୁ ଦାରୁ ଚିହ୍ନଟ ସ୍ଥାନକୁ ନିଆଯାଏ। ଆଜ୍ଞାମାଳ ଗୁଡ଼ିକୁ ୪ ଦାରୁରେ ପିନ୍ଧା ଯାଇଥାଏ। ପରେ ଉଭୟ ଆଜ୍ଞାମାଳ ଏବଂ ଚକ୍ର ନାରାୟଣଙ୍କୁ ପୂଜା କରାଯିବା ପରେ ଦାରୁ ଛେଦନ ପାଇଁ ପ୍ରଭୁଙ୍କ ନିର୍ଦ୍ଦେଶ ଆସିଥାଏ। ଏ ସଂପର୍କରେ ବିଶ୍ୱାବସୁ ବିନାୟକ ଦାସମହାପାତ୍ର କୁହନ୍ତି, ଆଜ୍ଞାମାଳ ହେଉଛି ପ୍ରଭୁଙ୍କ ନିର୍ଦ୍ଦେଶ। ପ୍ରଭୁଙ୍କ ବିନା ନିର୍ଦ୍ଦେଶରେ କୌଣସି କାର୍ଯ୍ୟ ହୁଏ ନାହିଁ। ଆଜ୍ଞାମାଳ ଦ୍ୱାରା ଜଗନ୍ନାଥଙ୍କ ନିର୍ଦ୍ଦେଶକୁ ସେମାନେ ପାଳନ କରନ୍ତି। ମହାପ୍ରଭୁଙ୍କ ଆଜ୍ଞାମାଳ ଦ୍ୱାରା ହିଁ ନବକଳେବର ଉତ୍ସବର ଆଦ୍ୟପର୍ବ ବନଯୋଗଯାତ୍ରା ଅତି ସଫଳ ଭାବରେ ସଂପାଦିତ ହୋଇଥାଏ। ଆଜ୍ଞାମାଳ ପରମ୍ପରାରେ ମୁଖ୍ୟ ଭୂମିକା ନିର୍ବାହ କରି ଆସୁଥିବା ଶ୍ରୀମନ୍ଦିରର ବିଦ୍ୟାପତି ନରସିଂହ ପତିମହାପାତ୍ର କହୁନ୍ତି, ଛଡାମାଳରୁ ହିଁ ଆଜ୍ଞାମାଳ ପରମ୍ପରାର ସୃଷ୍ଟି। ପୌରାଣିକ ତଥ୍ୟ ଅନୁଯାୟୀ, ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କ ପୁରୋହିତ ବିଦ୍ୟାପତି ବିଶ୍ୱାବସୁଙ୍କ ସହିତ ସାକ୍ଷାତ କରିଥିଲେ। ସେ ନୀଳମାଧବଙ୍କୁ ଦର୍ଶନ କରିବା ପରେ ତାଙ୍କ ଛଡ଼ାମାଳ ଧରି ଯାଇଥିଲେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ନିକଟକୁ। ସେହି ପ୍ରଥାନୁସାରେ ଆଜି ପର୍ଯ୍ୟନ୍ତ ବିଶ୍ୱାବସୁ ଏବଂ ବିଦ୍ୟାପତି ବଂଶଧରମାନେ ବନଯାଗ ଯାତ୍ରା ସମୟରେ ସେହି ଆଜ୍ଞାମାଳକୁ ୪ ବାଡ଼ରୁ କାଢ଼ି ୩ ବାଡ଼ର ବାଡ଼ଗ୍ରାହୀଙ୍କୁ ପ୍ରଦାନ କରନ୍ତି ଏବଂ ପରେ ସୁଦର୍ଶନଙ୍କ ଆଜ୍ଞାମାଳ ନିଜେ ଧରି ପ୍ରତ୍ୟେକ ଦାରୁରେ ଦେଇ ଆସିଥାନ୍ତି।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# କାହିଁକି ଲାଗେ ପରିସ୍ରା ?

ଆମେ ଖାଦ୍ୟ ଗ୍ରହଣ କରୁ ଏବଂ ନିୟମିତ ବ୍ୟବଧାନରେ ପାଣି ପିଇଥାଉ। ଶରୀର ତତ୍ତ୍ୱ ଅନୁଯାୟୀ ନିୟମିତ ସମୟରେ ଆମର ପରିସ୍ରା ହୋଇଥାଏ। ପରିସ୍ରା ନ ହେବା ଏକ ଗୁରୁତର ସ୍ୱାସ୍ଥ୍ୟର ଲକ୍ଷଣ। ସେହିପରି ଚିକିତ୍ସା ବ୍ୟବସ୍ଥା ସମୟରେ ଆମ ଡାକ୍ତରୀ ବ୍ୟବସ୍ଥାରେ ରୋଗୀର ପରିସ୍ରା ହିଷ୍ଟ୍ରି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥାଉ। ତେବେ ପିଇବା ପାଣି ଉପରେ ମଧ୍ୟ ଏକ ନିୟମିତତା ରହିଛି। ଓଡ଼ିଆରେ ଗୋଟିଏ ଲୋକପ୍ରିୟ କଥାଟି ଅଛି ‘ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ’। ଠିକ ସେହିପରି ଅତ୍ୟଧିକ ପାଣି ପିଇବା କଥା ନୁହେଁ, ସେହିପରି ଅତ୍ୟଧିକ ପରିସ୍ରା ମଧ୍ୟ ସୁସ୍ଥ ଶରୀର ଲକ୍ଷଣ ନୁହେଁ। ଅନେକ ସମୟରେ ଅତ୍ୟଧିକ ପରିସ୍ରା ଦ୍ୱାରା ଜଣଙ୍କର ଶରୀରର ଅନେକ ମୂଲ୍ୟବାନ ପରିପୋଷକ ତତ୍ତ୍ୱ ମଧ୍ୟ ନିର୍ଗମନ ହୋଇଯାଇଥାଏ। ତେବେ ଜଣେ ସୁସ୍ଥ ସବଳ ଶରୀର ପାଇଁ ପ୍ରତିଦିନ ଚାରିରୁ ପାଞ୍ଚଲିଟର ପିଇବା ପାଣି ଯଥେଷ୍ଟ ଏବଂ ନିୟମିତ ସମୟରେ ପରିସ୍ରା କରିବା ମଧ୍ୟ ଶରୀର ସୁସ୍ଥତାର ଲକ୍ଷଣ।

ଗୋଟେ ସୁସ୍ଥ ମୂତ୍ରାଶୟ ବା ବ୍ଲାଡ଼ରରେ କେତେ ପରିମାଣରେ ମୂତ୍ର ସଂରକ୍ଷିତ ହୋଇ ରହିପାରେ ? ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥର ସୂଚନା ଅନୁଯାୟୀ ଜଣେ ସୁସ୍ଥ ବୟସ୍କ ଲୋକର ମୂତ୍ରାଶୟ ଏକକାଳୀନ ୧୬ ଆଉନ୍‌ସ ବା ୨ କପ୍ ପରିମାଣର ମୂତ୍ର ରଖିବା ପାଇଁ ସମର୍ଥ । କେତେ ଶୀଘ୍ର ବ୍ଲାଡ଼ର ପୂର୍ଣ୍ଣ ହେବ ତାହା ନିର୍ଭର କରୁଛି ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀର ‘ବଳକା ଜଳ ନିଷ୍କାସନ କ୍ଷମତା’ ଉପରେ । ପରିସ୍ରାକୁ ଅଟକାଇ ରଖିବା କାମ ଯିଏ କରେ ତାହାକୁ କୁହାଯାଏ ସ୍ଫିଙ୍କଟର୍ସ । ଏହା ହେଉଛି ସାର୍କୁଲାର ମସଲ । ଏହା ବ୍ଲାଡ଼ରର ମୁହଁକୁ ବନ୍ଦ କରି ରଖିଥାଏ । ଏହା ସତ୍ତ୍ୱେ ବି ବେଳେବେଳେ ମୂତ୍ର କ୍ଷରିତ ହୋଇଥାଏ । ଏହାକୁ କୁହାଯାଏ ଇନ୍‌କଣ୍ଟିନେନ୍ସ । ଆମକୁ ପରିସ୍ରା ଲାଗେ କାହିଁକି ? ଏଇ ପ୍ରଶ୍ନଟାକୁ ଆଉ ଟିକିଏ ସରଳ କରି ଦିଆଯାଇପାରେ, ଯଥା - ପରିସ୍ରା କରିବାର ସମୟ ହେଇଗଲା ବୋଲି ଆମେ ହଠାତ୍ ଅନୁଭବ କରିବା କ'ଣ ପାଇଁ ? ଏହାର ମୂଳରେ ରହିଛି ସ୍ନାୟୁ ବା ନର୍ଭ । ବ୍ଲାଡ଼ର ଯେତେ ପୁରି ଉଠୁଥାଏ ନର୍ଭ ମସ୍ତିଷ୍କକୁ ତା'ର ସୂଚନା ଦେଇ ଚାଲୁଥାଏ । ଆଉ ଯେତେବେଳେ ଏହା ସମ୍ପୂର୍ଣ୍ଣ ପୁରିଯାଏ ସେତେବେଳେ ଆମେ ସତର୍କ ହୋଇଯାଉ ଯେ, ବର୍ତ୍ତମାନ ୟୁରିନାଲ୍ ଯିବାର ସମୟ । ବାସ୍, ମସ୍ତିଷ୍କ ସ୍ନାୟୁ ଜରିଆରେ ବ୍ଲାଡ଼ର ମସଲ ବା ସାର୍କୁଲାର ମସଲ ସ୍ଫିଙ୍କଟର୍ସକୁ ସୂଚନା ଦିଏ ସଙ୍କୁଚିତ ହେବା ପାଇଁ। ସ୍ଫିଙ୍କଟର୍ସ ସଙ୍କୁଚିତ ହେଲେ ଯାଇ ଆମେ ମୂତ୍ର ପରିତ୍ୟାଗ କରୁ।

**ଡାକ୍ତର ରାମପ୍ରସାଦ ରାୟ**
**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,**
**ଦୂରଭାଷ : ୮୨୬୦୪୦୮୮୩୬**

# ମୁକ୍ତିର ସ୍ୱାଦ - ମୃତ୍ୟୁର ମୁକ୍ତି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମୁକ୍ତି ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ମୁକ୍ତି ହେଉଛି ସତ୍-ଚିତ୍-ଆନନ୍ଦ। ମୁକ୍ତି ହେଉଛି ଅମରତ୍ୱ। ମୁକ୍ତି ହେଉଛି ଜ୍ଞାନ, ଶାନ୍ତି ଓ ଆନନ୍ଦର ସମନ୍ୱୟ। ସଚେତନ ବା ଅଚେତନ ଅବସ୍ଥାରେ କିମ୍ବା ଜ୍ଞାତରେ ବା ଅଜ୍ଞାତରେ ପ୍ରତ୍ୟେକ ବ୍ୟକ୍ତି ଏହି ମୁକ୍ତି ଲାଭ ପାଇଁ ସତତ ପ୍ରଚେଷ୍ଟମାନ। ମୁକ୍ତି ପାଇଁ ଜାତି ଜାତି ମଧ୍ୟରେ ଯୁଦ୍ଧ ଲାଗିଛି। ମଣିଷର ପ୍ରତ୍ୟେକ ପଦକ୍ଷେପ ମୁକ୍ତି ବା ସତ୍-ଚିତ୍-ଆନନ୍ଦ ଆଡ଼କୁ ହିଁ ହୋଇଥାଏ।

ଜନୈକ ଭକ୍ତ କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ - ମୁକ୍ତି କାହାକୁ କୁହନ୍ତି ? ମୁକ୍ତି ଆସିଥାଏ କିପରି ? ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱଭାବ ସୁଲଭ ଭଙ୍ଗୀରେ କହିଲେ - ମୁକ୍ତି କହିଲେ ବୁଝିବାକୁ ହେବ ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସ୍ୱାର୍ଥପର କାମନା କଳୁଷ ଠାରୁ ମୁକ୍ତି । ଏହି ଦୃଷ୍ଟିକୋଣରୁ ଯିଏ ଯେତେ ପରିମାଣରେ ମୁକ୍ତ, ତାହାର ଜୀବନ ସେତେ ପରିମାଣରେ ଦୀପ୍ତ ଓ ବ୍ୟାପ୍ତ। ଏହା ନହୋଇ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜଣକର ଜୀବନ ଯେତେ ଉଜ୍ଜ୍ୱଳ ଦେଖା ଯାଉନା କାହିଁକି ସେହି ଜ୍ୟୋତି ମଧ୍ୟରେ ରହିଥାଏ ଏକ ଅଦୃଶ୍ୟ କାଳିମା। ତେଣୁ ଜୀବର ସତ୍ତାକୁ ତାହା ସନ୍ଦୀପିତ ଓ ସମୁନ୍ନତ କରିପାରେ ନାହିଁ। ଭକ୍ତି ହିଁ ମୁକ୍ତିର ପଥ। ପ୍ରବୃତ୍ତିଗୁଡ଼ିକୁ ସମ୍ୟକ୍ ଭାବରେ ଇଷ୍ଟ ପ୍ରତିଷ୍ଠାପନ୍ନ ବା ଗୁରୁକୈନ୍ଦ୍ରିକ କରି ତୋଳିବା ହିଁ ମୁକ୍ତିର ତାତ୍ପର୍ଯ୍ୟ। ଏହି ଅବଦାନ ଯାହାର ଯେପରି ତାର ବିବର୍ତ୍ତନ ସ୍ତର ମଧ୍ୟ ସେହିପରି। ମୁକ୍ତି ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ, ବରଂ ସମ୍ପର୍କ ରହିଛି ଜୀବନର ଓ ମୃତ୍ୟୁ ମଧ୍ୟ ଅବଲୁପ୍ତ ହେଇପାରେ ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ।

ପ୍ରବୃତ୍ତି ରହିଲେ ମଧ୍ୟ ବଞ୍ଚିବା ଓ ବଢ଼ିବା ବିକ୍ଷୁବ୍ଧ ହେଉ ତାହା ଆମେ ଚାହୁଁନା। ରସଗୋଲା ଖାଇବାକୁ ଚାହୁଁ କିନ୍ତୁ ଖାଇ ଅସୁସ୍ଥ ହେବାକୁ ଚାହୁଁନା, ଅସ୍ୱସ୍ତିବୋଧ କରିବାକୁ ଚାହୁଁନ। ଅସ୍ୱସ୍ତି ଠାରୁ ମୁକ୍ତି ପାଇବାକୁ ଚାହୁଁ। ରସଗୋଲା ସତ୍ତାଟାକୁ କମ୍ପିତ କରିଦିଏ - ତାହା ଚାହୁଁନା। ସ୍ତ୍ରୀ-ପିଲା, ବ୍ୟବସାୟ-ବାଣିଜ୍ୟ କିଛି ବି ଛାଡ଼ିବାକୁ ହେବ ନାହିଁ। ଏହା ଭିତର ଦେଇ ଧର୍ମ ଉପାର୍ଜ୍ଜନ କରିବାକୁ ହେବ। ଦରକାର ଇଷ୍ଟାନୁଗ-ଆତ୍ମ-ନିୟନ୍ତ୍ରଣ। ପ୍ରବୃତ୍ତି ଉପରେ ଆଧିପତ୍ୟ ନ ରହିଲେ ବ୍ୟକ୍ତିତ୍ୱ ବିଚ୍ଛିନ୍ନ ହୋଇଯାଏ। ସେତେବେଳେ ତୁମେ କାମନାର, ତୁମେ ନା କ୍ରୋଧର, ତୁମେ ଲୋଭର, ତୁମେ ମଦର, ତୁମେ ମୋହର, ତୁମେ ମାତ୍ସର୍ଯ୍ୟର ହୋଇଥାଅ। ସଂସାରର ପ୍ରତିଟି କର୍ମରେ ଇଷ୍ଟ ପୂଜା ଫୁଟି ଉଠିଲା ନାହିଁ, ସେଠି କିନ୍ତୁ ଧର୍ମ ହେଲା ନାହିଁ। ପରିବେଶ ସହ ନିଜର ସତ୍ତା - ସମ୍ବର୍ଦ୍ଧନାକୁ ଧରି ରଖେ ଯାହା ତାକୁ ହିଁ ଧର୍ମ କୁହାଯାଏ। ପୂଜା କରିବା ଭଲ, ଧର୍ମର ଅଭିନୟ କରିବା ବି ଭଲ, କିନ୍ତୁ ଧର୍ମକୁ କର୍ମ ଭିତର ଦେଇ ପରିପାଳନ କରିବାକୁ ହେବ ନଚେତ ତାହା ସାର୍ଥକ ହୋଇ ଉଠିବ ନାହିଁ। ସେହି ଭଦ୍ରଲୋକ ପୁନରାୟ କହିଲେ - ଶାସ୍ତ୍ରରେ ଅଛି - ‘ହରେର୍ନାମ, ହରେର୍ନାମ ହରେର୍ନାମୈବ କେବଳମ୍।’

କଳ୍କି ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ଭଗବାନଙ୍କର ନାମ ସଦ୍‌ଗୁରୁଙ୍କ ପାଖରୁ ପାଇ ସାଧନା କରିବାକୁ ହୁଏ। ସଦ୍‌ଗୁରୁଙ୍କ ପ୍ରତି ଅନୁରାଗ ରଖି ସଂସାରର ସମସ୍ତ କାର୍ଯ୍ୟ ମଧ୍ୟରେ ଯଦି ଧର୍ମକୁ ମୂର୍ତ୍ତ କରି ତୋଳି ନ ପାରିଲୁ, ତେବେ କ'ଣ ହେଲା ? ଗାର୍ହସ୍ଥ୍ୟ - ଆଶ୍ରମରେ ଯେଉଁଟା ହୁଏ, ସେହିଟା ପକ୍କା ପୋକ୍ତ ହୁଏ, ଶକ୍ତ ହୁଏ । ଜଟାଜୁଟ ଧରି ସନ୍ନ୍ୟାସୀ ସାଜି ଚିମୁଟା ନେଇ ବାହାରିଗଲି ଧର୍ମ ସାଧନାରେ, ସେଥିରେ ପ୍ରବୃତ୍ତିର କ'ଣ ହେଲା ? ପ୍ରବୃତ୍ତି-ନିୟନ୍ତ୍ରଣ ହିଁ ତ ଅସଲ କଥା। ତା'ର କ'ଣ ହେଲା ? ମନରେ ରଖିଲି ମୁଁ ଜଣେ ଖୁବ୍ ବଡ଼ ସନ୍ନ୍ୟାସୀ। ସଂସାରର ଘାତ-ପ୍ରତିଘାତ ଭିତରେ ମଣିଷ ଠିକ୍ ହୋଇଥାଏ ଯଦି ଇଷ୍ଟାନୁଗ ଚଳନ ଥାଏ। ପୁଣି ବୈରାଗ୍ୟବାନ ପ୍ରକୃତ ସନ୍ନ୍ୟାସୀ ମଧ୍ୟ ଅଛନ୍ତି। ସଂସାରର ସବୁକିଛି ଭିତରେ ଇଷ୍ଟମୁଖୀ ଚଳନ, ଚରିତ୍ର, ବ୍ୟବହାର ଯଦି ଫୁଟି ଉଠେ, ସେହିଟା କେତେ ଶକ୍ତ ଓ ସୁନ୍ଦର ହୁଏ, ଅବଶ୍ୟ ଚାରି ଦିଗରେ ପ୍ରଲୋଭନ, ଟଙ୍କାର ଲୋଭ, ହାମ ବଡ଼ାମି କେତେ କ'ଣ ଅଛି। ଜିଦର ତୋଡ଼ରେ କହି ଦେଲେ - ମୁଣ୍ଡଟା ତାର ନେଇ ନିଅ, ପଚାଶ ହଜାର ଦେବି। ଏହି ଭାବରେ ପ୍ରବୃତ୍ତିର ଚାକର ହୋଇ ସତ୍ତାର ପୋଷଣ ନ ଦେଇ ଯଦି ତୁମ ସତ୍ତାର ବିଲୋପ ହୁଏ ସେତେବେଳେ କେମିତି ଲାଗେ।

ସପରିବେଶ ଆମ୍ଭେମାନେ ଯେତେ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହେବୁ, ଆମ୍ଭମାନଙ୍କ ଭିତରେ ସେତେ ଶାନ୍ତି ବିରାଜ କରିବ, ଆଉ ସପରିବେଶ ଉନ୍ନତି ମଧ୍ୟ ହୁଏ ସେହିପରି। ପନ୍ଥା ହେଲା- ଇଷ୍ଟସ୍ୱାର୍ଥୀ ଭକ୍ତି - ଆପୁରୁ ସେବା-ସଂହତି। ସବୁ ଜାଗାରେ ହିଁ ରାସ୍ତା ଏହି ଗୋଟିଏ। ଭଦ୍ରଲୋକ ପୁଣି ପ୍ରଶ୍ନ କଲେ - ଦୁନିଆରେ ଅବସ୍ଥା ଦେଖିଲେ ଭଗବାନ୍‌ଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଇଚ୍ଛା ହୁଏ। ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - ଭଗବାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ସେଥିରେ ତାଙ୍କର କୌଣସି କ୍ଷତି ହେବ ନାହିଁ। ଭଗବାନ କୃଷ୍ଣ ଶ୍ରୀମଦ୍ ଭଗବତ ଗୀତାରେ କହିଲେ - ଯୋଗଃ କର୍ମସୁ କୌଶଳଂ। ଯୁକ୍ତି ବା ଯୋଗ ଛଡ଼ା ମୁକ୍ତି ମିଳେ ନାହିଁ। ଜୀବନ୍ତ ଇଷ୍ଟଙ୍କ ଠାରେ ଯିଏ ଯେତେ ପରିମାଣରେ ପ୍ରାଣର ଟାଣ ନେଇ ଯୁକ୍ତ ହୁଏ, ପ୍ରବୃତ୍ତିର ବନ୍ଧନ ତାହାର ସେତେ ପରିମାଣରେ ଖୋଲିଯାଏ, ଦୋଷ ଦୁର୍ବଳତାର ନାଗଫାଶ ଶିଥିଳ ହୋଇ ଉଠେ କ୍ରମେ କ୍ରମେ। ତେଣୁ ସାଧ୍ୟ ବା ସାଧନୀୟ ଯାହା କିଛି ଅଛି ତାହା ହେଉଛି ଇଷ୍ଟାନୁରାଗ। ଏହାକୁ କୁହାଯାଏ ଭକ୍ତି ଓ ଭକ୍ତି ହେଉଛି ଇତିମୂଳକ। ଭକ୍ତ ଦେଖେ ଯେ ଭଗବାନଙ୍କର ଯାହା କିଛି କରଣୀୟ ସେ ସମସ୍ତ କିଛି ତାର ମଧ୍ୟ କରଣୀୟ। ଭଗବାନ ବା ଗୁରୁଙ୍କ ସଙ୍ଗରେ ଯୁକ୍ତ ହେବାକୁ ଯାଇ ସେ ସମସ୍ତଙ୍କ ସଙ୍ଗରେ ଯୁକ୍ତ ହୁଏ ଅର୍ଥାତ୍ ପ୍ରତ୍ୟେକଙ୍କର ସତ୍ତା ସମ୍ବର୍ଦ୍ଧନାରେ ସକ୍ରିୟ ଭାବରେ ଆଗ୍ରହାନ୍ୱିତ ହୋଇ ଉଠେ। ଏଠାରେ ହିଁ ଅଫୁରନ୍ତ ଜୀବନ ରହିଛି। ଆଉ ଏହିପ୍ରକାର ଜୀବନ ମଧ୍ୟରେ ଅଛି ମୁକ୍ତି - ଯଥା ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ମୁକ୍ତି, ଆଳସ୍ୟ, ଅବସାଦ ଓ ଅନନୁସନ୍ଧିତ୍ସାରୁ ମୁକ୍ତି, ଅଜ୍ଞାନରୁ ମୁକ୍ତି, ଅପ୍ରେମରୁ ମୁକ୍ତି, ଅପାରଗତାରୁ ମୁକ୍ତି, ଅସାଫଲ୍ୟରୁ ମୁକ୍ତି, ଭୀରୁତାରୁ ମୁକ୍ତି ଓ ସର୍ବୋପରି ମୃତ୍ୟୁରୁ ମୁକ୍ତି। ମରନା, ମାରନା ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର। ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ ମନୁଷ୍ୟ ମୃତ୍ୟୁରୁ ମୁକ୍ତିଲାଭ କରିବ।

ଜନୈକ ବ୍ୟକ୍ତି ପ୍ରଶ୍ନ କଲେ - ତାହା ହେଲେ ଭକ୍ତ ଯିଏ ସେ ତ ସର୍ବଦିଗରୁ ଶକ୍ତିଶାଳୀ ଓ କୃତକାର୍ଯ୍ୟ ହେବାର କଥା। କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ। ଅନେକ ଭକ୍ତ ଦୁଃଖ ଓ ଦୈନ୍ୟ ମଧ୍ୟରେ କାଳାତିପାତ କରନ୍ତି। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟା ପରବଶ ହୋଇ କହିଲେ - ଏହାର ଅର୍ଥ ଭକ୍ତିର ଅଭାବ ରହିଛି ସେଠାରେ। ପୁଣି ଅନ୍ୟ ଭାବରେ ଦେଖାଯାଏ - ଭକ୍ତ ଯିଏ ସେ ବହୁ ଲୋକଙ୍କର ସୁଖ-ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଚାଲେ ହସ ହସ ମୁଖରେ। ପୁଣି ବହୁ ଲୋକଙ୍କ ମଙ୍ଗଳ ପାଇଁ ଏହି ଯେଉଁ କଷ୍ଟ ସ୍ୱୀକାର କରେ ସେଥିରୁ ସେ ତୃପ୍ତିଲାଭ କରିଥାଏ। ପ୍ରକୃତ ଭକ୍ତ ଯିଏ ସେ କଷ୍ଟରେ ରହିଲେ ମଧ୍ୟ କେବେହେଲେ ନିରାନନ୍ଦରେ ରହେ ନାହିଁ, ଅନ୍ତର ତାର ଭରପୁର ଥାଏ ଇଷ୍ଟାନନ୍ଦରେ ମଜଗୁଲ ହୋଇ। ତାହାର ବ୍ୟାଥା ଜାଗେ ଯେତେବେଳେ ସେ ଇଷ୍ଟଙ୍କର ଇଚ୍ଛା ପରିପୂରଣ କରିପାରେ ନାହିଁ। ସେଥିପାଇଁ ଶାନ୍ତି ଓ ସନ୍ତୋଷ ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତରରେ ଜଡ଼ିତ ରହେ ଏକ ଶାଶ୍ୱତ ଭାଗବତ ଅତୃପ୍ତି। ଏହି ଅତୃପ୍ତି ହିଁ ସେମାନଙ୍କୁ ଉର୍ଦ୍ଧ୍ୱ ଦିଗରେ ଟାଣି ନେଇ ଚାଲେ ଅସୀମ ଅନନ୍ତ ପଥରେ - ଏକାଗ୍ର ଇଷ୍ଟାର୍ଥୀ ଅଭିଗମନରେ।

ସାବିତ୍ରୀ ଯମରାଜଙ୍କ ପାଖରୁ ତାଙ୍କର ସ୍ୱାମୀଙ୍କୁ ଫେରାଇ ଆଣିଲେ। ସତ୍ୟବାନ ଥିଲେ ରାଜକୁମାର ଓ ସାବିତ୍ରୀ ଥିଲେ ମହାରାଜ ଅଶ୍ୱପତିଙ୍କର କନ୍ୟା। ବିବାହର ଏକବର୍ଷ ମଧ୍ୟରେ ସତ୍ୟବାନଙ୍କର ମୃତ୍ୟୁ ଯୋଗ ଥିଲା ଓ ସାବିତ୍ରୀ ମୁନିରାଜ ନାରଦଙ୍କ ପାଖରୁ ତାହା ଜାଣିଥିଲେ। କଳ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଯମଙ୍କ ପାଖରୁ ଫେରାଇ ଆଣିଲେ ଅର୍ଥ ସଂଯମର ମାଧ୍ୟମରେ ସତ୍ୟବାନଙ୍କୁ ଫେରି ପାଇଲେ। ସାବିତ୍ରୀ ନିଜର ନୀତିରେ ଅତ୍ୟନ୍ତ କଠୋର ଥିଲେ। ସଂଯମ, ଦୟାବାନ (ଯମ୍ ଧାତୁ ମାନେ ସଂଯମ, ନିୟମନ, ନିଷ୍ଠା) ଇତ୍ୟାଦି ଗୁଣଗୁଡ଼ିକୁ ଅତ୍ୟନ୍ତ ନିଷ୍ଠା ସହକାରେ ସେ ପାଳନ କରୁଥିଲେ । ଏହି ସଂଯମ ବା ନିୟମ, ନିଷ୍ଠା, ନୀତି, ଜ୍ଞାନ, ଯୋଗ, ଧ୍ୟାନ ଓ କର୍ତ୍ତବ୍ୟ ମାଧ୍ୟମରେ ତାଙ୍କ ଦୂରଦୃଷ୍ଟି ଓ ଭବିଷ୍ୟତ ବିବରଣୀ ତାଙ୍କର କରଗତ ଥିଲା । ହୁଏତ ସତ୍ୟବାନଙ୍କୁ ସାପ (ତକ୍ଷକ) କାମୁଡ଼ି ଦେଇଥିଲା। ସାବିତ୍ରୀ ତାଙ୍କୁ ବଞ୍ଚାଇ ତୋଳି ଥିଲେ ଏହି ନିୟମନ ଓ ସଂଯମ ପ୍ରସୂତ ଜ୍ଞାନ ମାଧ୍ୟମରେ। ଏକନିଷ୍ଠ ହୋଇ ସେ ସ୍ୱାମୀଙ୍କର ପରିଚର୍ଯ୍ୟା କରିଥିଲେ। ଯମ ଆସିଲେ ଅର୍ଥ ଗୋଟିଏ ମହାଘାତୀ ବାଧା ଆସିଲା । ଅନିବାର୍ଯ୍ୟ ବିପଦ ଆସିଲା, ତାକୁ ଯେମିତି କରି ନିୟନ୍ତ୍ରଣ କରି ଯାହା ଯାହା କରିବା କଥା ତାହା ଜ୍ଞାନ, ବୁଦ୍ଧି, ପରିଚର୍ଯ୍ୟା, ଧ୍ୟାନ ଓ ନିଷ୍ଠା ମାଧ୍ୟମରେ କେନ୍ଦ୍ରମୁଖୀ ହୋଇ ମା ସାବିତ୍ରୀ ପରିପାଳନ କଲେ। ସ୍ୱାମୀ ବଞ୍ଚି ଉଠିଲେ ଓ ସତୀତ୍ୱ ତେଜର ମହିମା ପ୍ରକାଶ ଲାଭ କଲା। ମୁକ୍ତ, ସତୀ, ସାଧ୍ୱୀ ମା' ସାବିତ୍ରୀଙ୍କର ସାଧନାର ଏହାହିଁ ଜ୍ୱଳନ୍ତ ଉଦାହରଣ।

**ପ୍ରତିଋତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ -**
**୯୪୩୭୦୫୧୯୫୭**

# ବାର୍ଦ୍ଧକ୍ୟର ବୋଝ...

ପ୍ରତିଦିନ ସକାଳୁ ଉଠି ଚା ପିଇବାକୁ ଯିବାବେଳେ, ଲକ୍ଷ୍ୟ କରେ, ଜଣେ ଭଦ୍ରବ୍ୟକ୍ତି ରାସ୍ତାକଡ଼ରେ ଛିଡ଼ାହୋଇ ବୁଲା କୁକୁରଙ୍କୁ ବିସ୍କୁଟ ଖାଇବାକୁ ଦେବା, ସେମାନଙ୍କ ଦେହରେ ଲାଗିଥିବା ପୋକ ଓ ଅଳିଆଗୁଡ଼ିକୁ କାଢି ସଫାସୁତୁରା କରିବା, ବୁଲା ଗୋରୁଗାଈଙ୍କୁ ରୁଟି, ପରିବା ଚୋପା ଖାଇବାକୁ ଦିଅନ୍ତି। କିଛିଦିନ ଯିବାଆସିବା ଭିତରେ ସେହି ଭଦ୍ରବ୍ୟକ୍ତିଙ୍କ ସହିତ ମୋର ପରିଚୟ ସୃଷ୍ଟି ହେଲା। ଦିନେ ଚା ପିଇ ଫେରିବା ସମୟରେ ସେ ମୋତେ ହଠାତ୍ ଡାକି କହିଲେ, ଦେଖନ୍ତୁ, ଆପଣ ଭାବୁଥିବେ ଏ ଲୋକଟି ସବୁଦିନେ ବୁଲା କୁକୁର, ଗୋରୁ, ଗାଈଙ୍କୁ କାହିଁକି ଖାଇବାକୁ ଦେଉଛି ? ଆମେ ହେଲୁ ମଣିଷ, ଭଗବାନ କଥା କହିବାର ଶକ୍ତି ଆମକୁ ଦେଇଛନ୍ତି, ଆମର ଦୁଃଖ ଯନ୍ତ୍ରଣାକୁ ଆମେ ଅନ୍ୟ ଆଗରେ ପରିପ୍ରକାଶ କରିପାରିବା। ମାତ୍ର ଏ ବୁଲା କୁକୁର, ଗୋରୁଗାଈ, ପକ୍ଷୀମାନଙ୍କର ତ କଥା କହିବାର ଶକ୍ତି ନାହିଁ। ତେଣୁ ସେମାନଙ୍କ ଦୁଃଖ ବା ସମସ୍ୟା କାହା ଆଗରେ ପ୍ରକାଶ କରିବେ ? ଭୋକ ଶୋଷ ଲାଗିଲେ, ସେମାନେ ଏ ଦୋକାନ ଆଗରେ ସେ ଘର ଦୁଆରେ ଖାଦ୍ୟ ଆଶାରେ ପଇଁତରା ମାରନ୍ତି। ତେଣୁ ଆମେ ମଣିଷ ହୋଇ ନିଜର ମାନବିକତା ଦୃଷ୍ଟିରୁ ବୁଲା କୁକୁର, ଗୋରୁଗାଈଙ୍କୁ କିଛି ଖାଇବାକୁ ଦେଲେ ସେମାନଙ୍କ ଦୁଃଖ ଦୂର ହୋଇଥାଏ। ମଣିଷ ହେଉଛି ସାମାଜିକ ପ୍ରାଣୀ, ତେଣୁ ମଣିଷ କୌଣସି ମଠ, ମନ୍ଦିର ଯାଇ ପଥର ଉପରେ କ୍ଷୀର ନଢାଳି ବରଂ ବୁଲା କୁକୁର, ଗୋରୁ ଗାଈ ଓ ନିଜ ପିତାମାତାଙ୍କ ସେବା ଶୁଶ୍ରୂଷା କରିପାରିଲେ, ସେମାନଙ୍କ ଆଶୀର୍ବାଦ ସଦା ସର୍ବଦା ତୁମ ଉପରେ ରହିବ। ପିତାମାତଙ୍କ ଆଶୀର୍ବାଦ ରହିଲେ, ଦୁନିଆର କୌଣସି ଶକ୍ତି ତୁମକୁ ପରାଜିତ କରିପାରିବ ନାହିଁ। ସେହି ଭଦ୍ରବ୍ୟକ୍ତିଙ୍କ କଥା ଶୁଣିବା ପରେ ମୋତେ ବହୁତ ଖୁସି ଲାଗିଲା। ମନେ ମନେ ଭାବିଲି ବୁଲା ପଶୁପକ୍ଷୀମାନଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ସେମାନଙ୍କ ମୁହଁରେ ଟିକେ ଖୁସି ଆଣିପାରିଲେ ମଣିଷ ଜୀବନର ସାର୍ଥକତା ପ୍ରତିପାଦନ ହୋଇପାରିବ।

ଏମିତି କିଛିଦିନ ବିତିଗଲା ପରେ ହଠାତ୍ ଦିନେ ସେହି ଭଦ୍ରବ୍ୟକ୍ତି ଆସି ମୋ ପାଖରେ ପହଞ୍ଚିଗଲେ। ପେଶାରେ ମୁଁ ଜଣେ ଡିଟିପି ଅପରେଟର ହୋଇଥିବାରୁ ସେ କିଛି ଚୁକ୍ତିପତ୍ର ଡିଟିପି କରିବା ପାଇଁ ମୋ ପାଖକୁ ଆସିଥିଲେ। ଯେହେତୁ ପୂର୍ବରୁ ତାଙ୍କ ସହିତ ମୋର ପରିଚୟ ହୋଇସାରିଥିଲା, ତତ୍‌କ୍ଷଣାତ ତାଙ୍କ ଚୁକ୍ତିପତ୍ର ଡିଟିପି କରିବା ଆରମ୍ଭ କଲି। ଡିଟିପି କରିବା ସମୟରେ ଜାଣିବାକୁ ପାଇଲି ଯେ, ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ଦୁଇଭାଇଙ୍କ ମଧ୍ୟରେ ସମସ୍ୟା ସୃଷ୍ଟି ହେବାରୁ, ଏହାର ସମାଧାନ ପାଇଁ ଚୁକ୍ତିପତ୍ରଟି ଉଦ୍ଦିଷ୍ଟ। ସାରାଜୀବନ ପାହାଡ଼ ପରି ଯାବତୀୟ ବୋଝକୁ ମୁଣ୍ଡରେ ମୁଣ୍ଡାଇ, ମୁଣ୍ଡଝାଳ ତୁଣ୍ଡରେ ମାରି, ଲହୁଲୁହାଣ ହୋଇ ନଖାଇ, ନପିଇ ନିଜ ପିଲାମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଦିନରାତି ପରିଶ୍ରମ କରୁଥିବା ମଣିଷଟି କେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହୋଇଥାଏ, ସେକଥା ସେ ନିଜେ ମଧ୍ୟ ଜାଣିପାରେ ନାହିଁ। ବୁଝିବାର ଶକ୍ତି ଓ କାର୍ଯ୍ୟ କରିବାର ଦକ୍ଷତା ଥାଇ ସୁଦ୍ଧା ପରିବାର ଲୋକଙ୍କ ପାଇଁ ସେ ଏକ ଅଲୋଡ଼ା ଓ ଅଦରକାରୀ ବସ୍ତୁ ପାଲଟି ଯାଆନ୍ତି। ସାରାଜୀବନ ଅଭିଜ୍ଞତା ହାସଲ କରିଥିବା ମଣିଷକୁ ଯେତେବେଳେ ସ୍ଥାଣୁ କରି ରଖାଯାଏ, ସେତେବେଳେ ତାଙ୍କୁ ଗଭୀର ଆଘାତ ପହଞ୍ଚାଇଥାଏ। ବାର୍ଦ୍ଧକ୍ୟର ବୋଝକୁ ବୋହିବା ପାଇଁ ସେମାନେ ଅସମର୍ଥ ହୋଇ ପଡ଼ିଥିବା ବେଳେ ପୁତ୍ରବୋହୂମାନଙ୍କ ସେବା ଶୁଶ୍ରୂଷା ସେମାନଙ୍କ ସାତ ସପନ ପାଲଟିଯାଏ। ଲୋକ ଲଜ୍ଜାରୁ ବର୍ତ୍ତିବା ପାଇଁ ଭାଇ ଭାଇ ମଧ୍ୟରେ ପ୍ରତିଯୋଗିତା ଚାଲେ, କିଏ ବାପାବୋଉଙ୍କ ଭରଣପୋଷଣ ଦାୟିତ୍ୱ ନେବ। ସେଥିପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୁଏ। ଚୁକ୍ତିପତ୍ର ଅନୁସାରେ ବାଧ୍ୟବାଧକତାରେ ପିତାମାତାଙ୍କୁ ପାଖରେ ରଖନ୍ତି ସତ, ମାତ୍ର ନା ସେମାନଙ୍କୁ ମିଳିଥାଏ ପୁଅବୋହୂ ମାନଙ୍କ ସ୍ନେହଁ ମମତା ନା ମିଳିଥାଏ ଟିକେ ସହାନୁଭୂତି, କେବଳ ବାର୍ଦ୍ଧକ୍ୟର ବୋଝରେ ଜର୍ଜରିତ ହେବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ବିକଳ୍ପ ରାସ୍ତା ନଥାଏ। ମଣିଷ ହୋଇ ପିତାମାତାଙ୍କ ବାର୍ଦ୍ଧକ୍ୟର ବୋଝକୁ ଯଦି ବୋହିନପାରିବା, ସେମାନଙ୍କ ସେବା ନକରିବା, ତେବେ ସେ ମଣିଷ ଜୀବନ ବୃଥା। ଯାହା ସେ ଭଦ୍ରବ୍ୟକ୍ତିଙ୍କ ଠାରେ ମୁଁ ଅନୁଭବ କରିଥିଲି। ଯେଉଁ ବ୍ୟକ୍ତି ଦିନେ କୁକୁର, ବୁଲା ଗୋରୁଗାଈ ଓ ପିତାମାତାଙ୍କ ସେବା କରିବା ପାଇଁ ପରାମର୍ଶ ଦେଉଥିଲେ, ଆଜି ସେହି ବ୍ୟକ୍ତି ନିଜ ବୃଦ୍ଧ ପିତାମାତଙ୍କ ଯତ୍ନ ନେବା ପାଇଁ କୁଣ୍ଠାବୋଧ ପ୍ରକାଶ କରିବା ମୋତେ ଆଶ୍ଚର୍ଯ୍ୟ କରିଥିଲା।

ଆମ ସମାଜରେ ଅନେକ ପିତାମାତା ଅଛନ୍ତି, ସେମାନଙ୍କ ପିଲାମାନଙ୍କୁ ଭଲ ମଣିଷଟିଏ କରିବା ପାଇଁ ସବୁକିଛି ତ୍ୟାଗ କରିଦିଅନ୍ତି। ପାଠପଢା ହେଉ ବା ଚାକିରି, ଦରକାର ପଡ଼ିଲେ ନିଜ ଜମି ବନ୍ଧକ ରଖି ନିଜ ପିଲାଙ୍କ ସବୁ ଅଭାବ ଅସୁବିଧାକୁ ଦୂର କରିଥାନ୍ତି। ପୁଅ ଯେତେବେଳେ ଚାକିରି ଖଣ୍ଡିଏ ପାଇଯାଏ, ସେତେବେଳେ ବାପାମାଆ ସବୁଠୁ ବେଶି ଖୁସି ହୁଅନ୍ତି, ଏହାପରେ ଉପଯୁକ୍ତ ଝିଅଟିଏ ଦେଖି ପୁଅର ବିବାହ କରାନ୍ତି। ମାତ୍ର ବାପାମାଆ ଯେତେବେଳ ବାର୍ଦ୍ଧକ୍ୟରେ ପହଞ୍ଚନ୍ତି, ସେତେବେଳେ ସେମାନଙ୍କୁ ଟିକେ ସେବା ଯୋଗାଇଦେବା ପାଇଁ ପୁଅବୋହୂ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ନ୍ତି। ସେମାନଙ୍କ ଯୁକ୍ତି ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଆମେ ନିଜେ ନିଜ ପାଇଁ ନିଜ ପିଲାମାନଙ୍କ ପାଇଁ ସମୟ ଦେଇପାରୁନୁ, ବୃଦ୍ଧ ବାପାମାଆଙ୍କ ସେବା କିପରି କରିବୁ ? କିନ୍ତୁ ଯେତେବେଳେ ବାପା ମାଆ ପରିଣତ ବୟସରେ ପାଦ ଦିଅନ୍ତି, ସେତେବେଳେ ପିତାଙ୍କ ସମ୍ପତ୍ତି ଓ ପେନସନକୁ ନେଇ ଭାଇ ଭାଇ ମଧ୍ୟରେ ମାଲି ମକଦ୍ଦମା କରିବାକୁ ଢେର୍ ସମୟ ଥାଏ, ସେ ଦିଗରେ ପଇସା ଖର୍ଚ୍ଚ କରିବା ପାଇଁ ପ୍ରଚୁର ପରିମାଣରେ ଅର୍ଥ ଥାଏ, ମାତ୍ର ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟସେବା ପାଇଁ ସେମାନଙ୍କ ପାଖରେ ପଇସାର ଅଭାବ ଦେଖାଦେଇଥାଏ। ଯିଏ ପିତାଙ୍କ ପେନସନ ଓ ସମ୍ପତ୍ତି ହାତେଇବ, ସେ ହିଁ ପିତାଙ୍କ ଭରଣପୋଷଣ ଦାୟିତ୍ୱ ବହନ କରିବ। ଏହି ମାନସିକତାଟି ଏବେ ପ୍ରତି ପୁଅବୋହୂଙ୍କୁ ଘାରିଛି। ବୃଦ୍ଧାବସ୍ଥାରେ ପିତାମାତାମାନେ କେତେ ଯେ ଦୁଃଖ ଯନ୍ତ୍ରଣାକୁ ସମ୍ମୁଖୀନ କରନ୍ତି, ଏହି ପୁଅବୋହୂମାନେ ଦିନେ ନା ଦିନେ ବାର୍ଦ୍ଧକ୍ୟରେ ଉପନୀତ ହେଲେ ଜାଣିପାରିବେ।

ସମ୍ପ୍ରତିକ ସମୟରେ ମାନବିକତାର ଅବକ୍ଷୟ ଘଟିଛି। ବିଜ୍ଞାନର ଦ୍ରୁତ ଅଗ୍ରଗତି ତଥା ନୂଆ ନୂଆ ଆବିଷ୍କାର ମାନବ ଜୀବନରୁ ମାନବପ୍ରେମ ଲୋପ ପାଇଯାଉଛି। ସଂସାରରେ ନ୍ୟାୟ, ଧର୍ମ, ସତ୍ୟ, ସ୍ନେହଁ, ଶ୍ରଦ୍ଧା, ସଦ୍ଭାବ, ସହାନୁଭୂତି, ଶାନ୍ତି, ପ୍ରୀତି, ମୈତ୍ରୀ, ବିଶ୍ୱାସ ଓ ସମନ୍ୱୟର ଅବକ୍ଷୟ ଘଟିବାରେ ଲାଗିଛି। ହିଂସା, ପ୍ରତିହିଂସାର ମାତ୍ରା ଚରମ ସୀମା ଅତିକ୍ରମ କଲାଣି। ନାନା ପ୍ରକାର ପରମାଣୁ ଅସ୍ତ୍ରଶସ୍ତ୍ରର ଆବିଷ୍କାର ବିଶ୍ୱର ସ୍ଥିତି ପ୍ରତି ବିପଦ ସୃଷ୍ଟି କଲାଣି। ସକଳ ଶ୍ରେଣୀର ବ୍ୟକ୍ତି କେବଳ ଆପଣାର ସୁଖ, ସମ୍ଭୋଗ ଓ ସମୃଦ୍ଧିର ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ। ବର୍ତ୍ତମାନ ବିଶ୍ୱରେ ଧର୍ମ ଅଧୋଗତି, ମନ କଳୁଷିତ, ଚିନ୍ତା ଅସ୍ଥିର, ମତି ଚଞ୍ଚଳ, ବିବେକ ଅସ୍ଥିର, ବିଚାର ବିଭ୍ରାଟ, ଶିକ୍ଷା ବିବର୍ଣ୍ଣ, ଖାଦ୍ୟ ଦୂଷିତ, ପରିବେଶ ଦୁର୍ବିସହ, ସମୟ ଦାରୁଣ, ପ୍ରବୃତ୍ତି ନୀଚ, ପ୍ରକୃତି ବିଷର୍ଣ୍ଣ, ବସୁଧା ବିପନ୍ନ ଓ ସତ୍ୟନ୍ୟାୟ ତମସାଚ୍ଛନ୍ନ। ଏହି ପରିପ୍ରେକ୍ଷୀରେ ମାନବିକତାର ଉଚ୍ଚତମ ଚେତନା ପ୍ରସୂତ ସୂକ୍ଷ୍ମ ବିଚାରବୋଧରେ ମାନବ ସମାଜକୁ ଉଦ୍‌ବୁଦ୍ଧ କରାଇବାରେ ବିଫଳ। ଯେଉଁଥି ପାଇଁ ପୁଅବୋହୂମାନେ ଭୋଗବିଳାସରେ ବଞ୍ଚିବା ପାଇଁ ବୃଦ୍ଧାବସ୍ଥାରେ ନିଜ ପିତାମାତାଙ୍କୁ ଘରୁ ବାହାର କରିଦିଅନ୍ତି ଓ ସମ୍ପତ୍ତି ପାଇଁ ଭାଇ ଭାଇ ମଧ୍ୟରେ ବିଭେଦର ପ୍ରାଚୀର ଛିଡ଼ା ହେଉଛି, ପରିବାର ପରିବାର ମଧ୍ୟରେ ବାଦ ବିବାଦ ଉଗ୍ରରୂପ ନେଉଛି। ଯୌଥ ପରିବାର ଆଜି ଖଣ୍ଡ ବିଖଣ୍ଡିତ ହେଉଛି, ପରିବାରରେ ସ୍ନେହଁ, ଶାନ୍ତି, ସହଂତି ଓ ସଦ୍‌ଭାବନା ଲୋପ ପାଉଛି ଏବଂ ଶତ୍ରୁତା ବୃଦ୍ଧି ପାଉଛି।

ସତରେ ମଣିଷ କେଡ଼େ ବିଚିତ୍ର ଜୀବ!! ସମାଜରେ ବହୁତ ଗରିବ, ଖଟିଖିଆ ଓ ଅନାଥ ଶିଶୁମାନେ ଟୋପେ କ୍ଷୀର ପିଇବାକୁ ନପାଇ ଅପପୁଷ୍ଟିର ଶିକାର ହେଉଥିବା ବେଳେ ଲୋକମାନେ ପ୍ରତିଦିନ ମନ୍ଦିର ଯାଇ ପଥର ଉପରେ ଲିଟର ଲିଟର କ୍ଷୀର ଢାଳିଥାନ୍ତି। ଘରେ ନିଜର ଚଳନ୍ତି ଠାକୁର ପିତାମାତା ଉପବାସ ଥାଉଥାଉ ଠାକୁରଙ୍କ ପାଖରେ ମହୁ ଘିଅର ଭୋଗ ଲଗାଇ ପୂଣ୍ୟ ଅର୍ଜନ କରନ୍ତି ଓ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡିଆସନ୍ତି ଏବଂ ମୃତ୍ୟୁବରଣ କରିବା ପରେ ବନ୍ଧୁ ପ୍ରିୟଜନଙ୍କୁ ଭୋଜିଭାତ ଦେଇ ନିଜକୁ ଭାଗ୍ୟବାନ ବୋଲି ମନେ କରିଥାନ୍ତି। ହେଲେ ଏହାର କୁପରିଣାମ ଦିନେ ନା ଦିନେ ଭୋଗିବାକୁ ପଡ଼ିବ, ସେ କଥା ବୁଝିବାକୁ ସେ ନାରାଜ। ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅନ୍ୟମାନଙ୍କୁ ଭଲ ଭଲ ଉପଦେଶ ଓ ପ୍ରବଚନ ଦେଇ ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରନ୍ତି, କିନ୍ତୁ ନିଜ ପିତାମାତାଙ୍କୁ ହଇରାଣ ହରକତ କରନ୍ତି। ଯେଉଁଦିନ ସେ ନିଜେ ବାର୍ଦ୍ଧକ୍ୟରେ ପାଦ ଦେଇ, ବାର୍ଦ୍ଧକ୍ୟର ବେଦନାକୁ ଅଙ୍ଗେ ନିଭାଇବ, ସେଇଦିନ ଅତୀତର ସେହି କର୍ମଫଳକୁ ମନେ ପକାଇ ଅଖିରୁ ଲୁହ ଗଡ଼ାଇବା ସାର ହେବ।

**ସୁବାସ କୁମାର ତାରଣିଆଁ**
**ମୋ : ୮୩୨୮୮୪୦୨୧୪**
**କଣ୍ଟି, ବାହାରଣା, ବାଲିକୁଦା,**
**ଜଗତସିଂହପୁର**

# ଏମଏସପି ବୃଦ୍ଧି ସମୟୋଚିତ

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପୂର୍ବ ମୌସୁମୀ ପୂର୍ବ ନିର୍ଦ୍ଧାରିତ ୮ଦିନ ପୂର୍ବରୁ ମେ' ୨୪ ତାରିଖରେ ପ୍ରବେଶ କରିଥିବାବେଳେ କେନ୍ଦ୍ର ସରକାର ଖରିଫ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମଧ୍ୟ ଆଗୁଆ ଘୋଷଣା କରିଛନ୍ତି। ଯାହାକି ଏକ ଯଥାର୍ଥ ତଥା ସମୟୋଚିତ ପଦକ୍ଷେପ ବୋଲି କୁହାଯାଇପାରିବ। ଗତ ବର୍ଷ ଜୁନ ମାସ ୧୯ ତାରିଖରେ ଖରିଫ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଇଥିବାବେଳେ ଚଳିତ ବର୍ଷ ଆଗୁଆ ମୌସୁମୀ ଆଗମନ ଦୃଷ୍ଟିରୁ ଚାଷୀଙ୍କୁ ନୂତନ ଚାଷ କରିବାରେ ଉତ୍ସାହିତ କରିବା ନେଇ ଆଶା କରାଯାଏ। ଚଳିତ ବର୍ଷ କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କ୍ୱିଂଟାଲ ପିଛା ୬୯ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଯାହା ଗତ ୫ବର୍ଷ ମଧ୍ୟରେ ସର୍ବନିମ୍ନ। ସୂଚିତ କରାଯାଇପାରେ ଯେ, ଗତବର୍ଷ ଧାନର କ୍ୱିଂଟାଲ ପିଛା ଏମଏସିପି ୧୧୭ଟଙ୍କା ଏବଂ ତା ପୂର୍ବ ବର୍ଷ ୧୪୩ଟଙ୍କା ବଢିଥିଲା। ଦେଶରେ ବିଭିନ୍ନ ସରକାରୀ ଗୋଦାମଗୁଡିକରେ ଏବେ ୬୩.୧ ମିଲିଅନ ଟନ ଧାନ ଗଚ୍ଛିତ ଥିବାବେଳେ ଏହି ଏମଏସପି ବୃଦ୍ଧି କେବଳ ଧାନ ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବ ନାହିଁ, ଦେଶର ଶସ୍ୟ ଭଣ୍ଡାରକୁ ଆହୁରି ମଜଭୂତ କରିବ, ଏଥିରେ ସନ୍ଦେହ ନାହିଁ। ଆମ ଦେଶରେ ଅର୍ଦ୍ଧାଧିକ ଚାଷ ଜମି ଜଳସେଚିତ ହୋଇନଥିବାବେଳେ ଧାନ ଚାଷ ସର୍ବାଧିକ ଜଳ ଆବଶ୍ୟକ କରେ। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବା ଯୋଗୁଁ ଚାଷୀକୂଳକୁ ଧାନ ଚାଷ ପାଇଁ ଉତ୍ସାହିତ କରିବ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଆବଶ୍ୟକତା ଠାରୁ ୪.୬ ଗୁଣ ଧାନ ମହଜୁଦ ରହିଛି। ଆହୁରି ମଧ୍ୟ ଗତ ୨୦୨୪-୨୬ ଆର୍ଥୀକ ବର୍ଷରେ ୨୦.୨ ମେଟ୍ରିକ ଟନ ଧାନ ଅନ୍ୟ ଦେଶକୁ ରପ୍ତାନୀ ହୋଇଥିଲା। ବର୍ଦ୍ଧିତ ଏମଏସପି ଯୋଗୁଁ ଧାନର କ୍ୱିଂଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ‘ଏ’ ଗ୍ରେଡ ଧାନର ମୂଲ୍ୟ ୨୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଧାନ ବ୍ୟତୀତ ୧୪ଟି ଖରିଫ ଶସ୍ୟର ଏମଏସପି ସରକାର ବୃଦ୍ଧି କରିଛନ୍ତି। ହରଡ ଓ ଅରହରର ଏମଏସପି ୫.୬ରୁ ୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଚିନାବାଦାମ ୭.୧ ରୁ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି। ମାଜା ଓ କପାର ମୂଲ୍ୟ ମଧ୍ୟ ଅନୁରୂପ ବଢିଛି। ରାଗି, ସୋୟାବିନ ଓ ଜୋୱାର ମୂଲ୍ୟ ୮.୯ରୁ ୧୩.୯ ପ୍ରତିଶତ ବଢିଥିବାବେଳେ ଧାନର ଏମଏସପି ୩ ପ୍ରତିଶତ ବୃଦ୍ଧି ପାଇଛି। ଆହୁରି ମଧ୍ୟ ମାଣ୍ଡିଆର କ୍ୱଂଟାଲ ପିଛା ମୂଲ୍ୟ ୫୯୬ ଟଙ୍କା ବଢିଛି। କେନ୍ଦ୍ର ସରକାର ମାଣ୍ଡିଆକୁ ‘ଶ୍ରୀ ଅନ୍ନ’ ଭାବେ ଘୋଷଣା କରିଥିବାରୁ ଏମଏସପି ବୃଦ୍ଧି ଏହାର ଚାଷକୁ ଉତ୍ସାହିତ କରିବ, ଏଥିରେ ସନ୍ଦେହ ନାହିଁ। ସେହିପରି କପା କ୍ୱିଂଟାଲ ପିଛା ୫୮ଟଙ୍କା ଖସା ୫୭୯ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ହରଡ ୪୫୦ଟଙ୍କା, ସୂର୍ଯ୍ୟମୁଖୀ ମଂଜି ୪୪୧ଟଙ୍କା, ସୋୟାବିନ ୪୩୬ଟଙ୍କା, ବିରି ୪୦୦ଟଙ୍କା, ଜଅ ୩୨୮ଟଙ୍କା, ମକା ୧୭୫, ବାଜରା ୧୫୦ ଓ ମୁଗ ୮୬ଟଙ୍କା ବଢିଛି। କହିବା ବାହୁଲ୍ୟ ଯେ, ଡାଲି ଓ ଖାଇବା ତେଲ ପ୍ରତିବର୍ଷ ଆବଶ୍ୟକତା ଅନୁଯାୟୀ ଆମଦାନୀ ହୋଇଥାଏ। ଡାଲି ଜାତୀୟ ଓ ଖାଇବା ତେଲ ଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଦେଶ ଏବେ ବି ଆତ୍ମନିର୍ଭରଶୀଳ ହୋଇପାରିନାହିଁ। ୨୦୨୪-୨୫ ଆର୍ଥୀକ ବର୍ଷରେ ଭାରତ ବିଦେଶରୁ ୫.୫ ବିଲିଅନ ଡଲାର ମୂଲ୍ୟର ଡାଲିଜାତୀୟ ଶସ୍ୟ ଆମାଦାନୀ କରିଥିବାବେଳେ ୧୭.୩ ବିଲିଅନ ଡଲାର ମୂଲ୍ୟର ଖାଇବା ତୈଳ ଆମଦାନୀ କରିଥିଲା। ଏହାର ଉତ୍ପାଦନ ଏମଏସପି ବୃଦ୍ଧି ଯୋଗୁଁ ବଢିବା ଆଶା କରାଯାଏ। ବିଭିନ୍ନ ଶସ୍ୟର ଏମଏସପି ବୃଦ୍ଧି ଚାଷୀଙ୍କ ପାଇଁ ଏକ ସୁରକ୍ଷା କବଚ ଭାବେ ଉଭା ହୋଇଛି। ବଜାର ମୂଲ୍ୟ ପାଇବାକୁ ହକଦାର ହୋଇଥାଏ। ଏହା ସତ୍ୟ ଚାଷୀ ଉତ୍ପାଦନ ବା ଅମଳ ସମୟରେ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇ ଶାଗମାଛ ଦରରେ ନିଜ ଉତ୍ପାଦ ବିକ୍ରୀ କରିବା ନିୟମିତ ଘଟଣାରେ ପରିଣତ ହୋଇଛି। ଶୀତଳ ଭଣ୍ଡାର ଅଭାବରୁ ଚାଷୀ ନିଜ ଉତ୍ପାଦକୁ ସାଇତି ରଖିନପାରି ବିକ୍ରୀ କରିବାକୁ ବାଧ୍ୟ ହେଉଥିବାବେଳେ ଧାନ ମଣ୍ଡିଗୁଡିକରେ ଏବଂ ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇଆସିଛି। ଆମ ରାଜ୍ୟରେ ଟୋକନ ବ୍ୟବସ୍ଥା ଯୋଗୁଁ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିନପାରିବା ଗଣମାଧ୍ୟମର ଶିରୋନାମା ପାଲଟିଛି। ଏମଏସପି ଚାଷୀର ଆୟ ବୃଦ୍ଧି କରିବାରେ ସହାୟକ ହେଉଛି ସତ କିନ୍ତୁ ଉତ୍ପାଦର ବିକ୍ରୀକୁ ସରକାର ସୁବ୍ୟବସ୍ଥିତ କରିବା ଜରୁରୀ।

**ସୌଭାଗ୍ୟ ରଂଜନ ମହାନ୍ତି**
**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ଭକ୍ତଙ୍କୁ ଦର୍ଶନ ଦେଲେ ଦେବଦମ୍ପତି

**ସମ୍ବଲପୁର,(ଡିକେ ନ୍ୟୁଜ୍):** ଲଗ୍ନ ଅନୁଯାୟୀ ବ୍ରାହ୍ମମୁହୂର୍ତ୍ତରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବାପରେ ଭକ୍ତମାନଙ୍କୁ ଦେବଦମ୍ପତି ଦର୍ଶନ ଦେବା ପାଇଁ ରବିବାର ମଧ୍ୟରାତ୍ରିରେ ନଗର ପରିକ୍ରମାରେ ବାହାରିଛନ୍ତି। କନ୍ୟା ମାତାପିତାଙ୍କ ଠାରୁ ବିଦାୟ ନେଇ ଆସିବା ପରେ ଶିବ ପାର୍ବତୀଙ୍କୁ ମନ୍ଦିର ସମ୍ମୁଖ ଅସ୍ଥାୟୀ ମଣ୍ଡପରେ ଉପବିଷ୍ଟ କରାଯାଇଥିଲା। ପଞ୍ଚ ଉପଚାର ଏବଂ ୧୦୮ ଆଳତି ପରେ ପଣ୍ଡିତଙ୍କ ମନ୍ତ୍ରୋଚ୍ଚାରଣରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ପାରମ୍ପରିକ ଲୋକବାଦ୍ୟରେ ମନ୍ଦିର ସମ୍ମୁଖ ଦୁଲୁକୁଥିଲା। ରଙ୍ଗିନ ଆତସବାଜିରେ ଚମକି ଉଠିଥିଲା ପରିବେଶ । ଏହି ଅବସରରେ ଭକ୍ତମାନେ ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହର ହର ମହାଦେବ ଭଳି ଜୟଧ୍ୱନି କରି ସୁସଜ୍ଜିତ ବିମାନରେ ଦେବ ଦମ୍ପତ୍ତିଙ୍କୁ ଆରୁଢ କରାଇଥିଲେ। ଶୀତଳଷଷ୍ଠୀ ସମନ୍ୱୟ କମିଟିର ୭ହଜାର ୫୦୦କଳାକାର, ବଡବଜାର, ବାଲିବନ୍ଧା, ଠାକୁରପଡା, ଦୁର୍ଗାପାଲି, ବୁଢାରଜା କମିଟିର ପ୍ରାୟ ୫ ହଜାର କଳାକାରଙ୍କୁ ମିଶାଇ ମୋଟ ୧୨ହଜାର କଳାକାର ନଗର ପରିକ୍ରମା ଶୋଭାଯାତ୍ରାରେ ବାହାରିଥିଲେ। ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଦେଖଣାହାରି, ଭକ୍ତ ଓ ପର୍ଯ୍ୟଟକଙ୍କ ଆଖି ଝଲସାଇ ଦେଇଥିଲା। ସାରା ସହର ସାଂସ୍କୃତିକ ଶୋଭାଯାତ୍ରାରେ ଯେମିତି ବିମୋହିତ ହୋଇ ପଡିଥିଲେ କଳାକାରମାନଙ୍କ ବିଭିନ୍ନ ଲୋକନୃତ୍ୟ ଓ ଗୀତ ସାଙ୍ଗକୁ ଲୋକବାଦ୍ୟର ଚମତ୍କାର ପରିବେଷଣ ବାସ୍ତବିକ ଆକର୍ଷଣୀୟ ଥିଲା। ଏହା ସାଙ୍ଗକୁ କିନ୍ନର ମାନଙ୍କ ନାଚ, ଆଧୁନିକ ନାଚ, ପାରମ୍ପାରିକ ନୃତ୍ୟ, ପ୍ରଜ୍ଞାପନ ମେଢ ଏହି ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। କାନ୍ତାରା ନୃତ୍ୟ, ମୟୂର, ଅଘୋରୀ, ଘୁମୁରା, ପୁରୁଲିଆ




ଛଉ, ଖଡଗପୁରର ଶେର ବାଜା, ମୁମ୍ବାଇର ଲବଣୀ, କେରଳର ମେଲମ, ତମ୍ବୁଲା ଦଳ, କୋଲକାତା ରାଧା କୃଷ୍ଣ, ଆସାମ, ପୁରୀ ଜଗନ୍ନାଥ ଭକ୍ତିନୃତ୍ୟ ସୁନ୍ଦରଗଡ ହେମଗିରି ଝାଜୀର, ଗଞ୍ଜାମର ଯୋଡି ଶଙ୍ଖ, ଛତିଶ ଗଡର ଗରିଲା, ରାଉଲକେଲାର କାଲସି, ପୁରୀର ଦେବୀ, କୋଲକାତାର ସୃଜନୀ ଆଦି ନୃତ୍ୟ ଦର୍ଶକଙ୍କୁ ସାରା ରାତି ବାନ୍ଧି ରଖିଥିଲା। ନୃତ୍ୟାଙ୍ଗନାମାନେ ଆଧୁନିକ, ସମ୍ବଲପୁରୀ, ହିନ୍ଦୀ ଓ ଚଳଚ୍ଚିତ୍ର ଗୀତରେ ନୃତ୍ୟ କରିଥିଲେ। ଏଥିସହ ଦର୍ଶକଙ୍କ ମନ ମୁତାବକ ଗୀତରେ ମଧ୍ୟ ସେମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଶେଷ କରି ଯୁବପିଢୀର କଳାକାରମାନେ ନୃତ୍ୟ ପରିବେଷଣ କରୁଥିବାରୁ ଦର୍ଶକମାନେ ବିମୋହିତ ହୋଇଥିଲେ। ନନ୍ଦପଡାର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧାର ସୋମନାଥ ବାବା, ବୁଢାରଜା ଶ୍ରୀ ଶ୍ରୀ ବୁଢାରଜା ମହାଦେବ, ବଡବଜାର ଶ୍ରୀ ଶ୍ରୀ ଶୀତଲେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା ଜଗତ ଜନନୀ ମାତା ପାର୍ବତୀଙ୍କ ସହ ଗଣ୍ଠାଳ ହୋଇ ନଗର ପରିକ୍ରମା କଲାବେଳେ ଶୋଭାଯାତ୍ରା ବାଟରେ ମହିଳା ଓ ପୁରୁଷ ମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ଶାସ୍ତ୍ରାନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ କିନ୍ନର ଓ ଅନ୍ୟମାନେ ଅଭିଶାପରୁ ମୁକ୍ତି ପାଇଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ସେହିପରି ଏହି ଶୋଭାଯାତ୍ରା ବେଳେ ଦେବଗଣ ମଧ୍ୟ ଆକାଶ ମାର୍ଗରୁ ବର୍ଷା ରୂପି ପୁଷ୍ପ ବୃଷ୍ଟି କରିଥାନ୍ତି। ଏଥିରେ ଉତ୍ତପ୍ତ ଧରା ପୃଷ୍ଠ ଶୀତଳ ହୋଇଥାଏ।ଏଥର ଅସହ୍ୟ ଗୁଳଗୁଳି ହେଉଥିବା ସତ୍ତ୍ୱେ ଯାତ୍ରାରେ ଅସଂଖ୍ୟ ଭକ୍ତଙ୍କ ସମାଗମ ହୋଇଥିଲା। ପୋଲିସ ଓ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

# ଜଳଛତ୍ରରେ ଦୁର୍ନୀତିର ଗନ୍ଧ : ଏତଲା ଦେଲା ବିଜେପି ଯୁବମୋର୍ଚ୍ଚା



**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** କାକଟପୁର ବ୍ଲକରେ ଜଳଛତ୍ର ନାମରେ ଆର୍ଥିକ କେଲେଙ୍କାରୀ ସାମ୍ନାକୁ ଆସିଛି। ଖରାଦିନେ ପଞ୍ଚାୟତ ତରଫରୁ ପଥଚାରୀଙ୍କ ଶୋଷ ମେଣ୍ଟାଇବା ପାଇଁ ବିଭିନ୍ନ ସ୍ଥାନରେ ହୋଇଥିବା ଜଳଛତ୍ରରେ ପାଣି ଦେବା ପାଇଁ ଶ୍ରମିକ ନିୟୋଜିତ ହୋଇଥିଲେ। ତେବେ ସେମାନଙ୍କୁ ୩ ବର୍ଷ ହେବ ମଜୁରୀ ଦିଆଯାଇ ନାହିଁ। କିନ୍ତୁ ଅର୍ଥ ଉଠାଣ ହୋଇଥିବା ଜଣା ପଡ଼ିଛି। ଜାଲ କାଗଜପତ୍ର ମାଧ୍ୟମରେ ଅର୍ଥ ଉଠାଣ ହୋଇଥିବା ଜଣାପଡିଛି। ଆଜି ଏ ସମ୍ପର୍କରେ ବିଜେପି ଯୁବମୋର୍ଚ୍ଚା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଘଟଣା ସମ୍ପର୍କରେ କାକଟପୁର ବିଡ଼ିଓଙ୍କୁ ଅବଗତ କରାଯିବା ସହିତ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସେହିପରି ଏ ସମ୍ପର୍କରେ କାକଟପୁର ଥାନାରେ ବିଜେପି ଯୁବମୋର୍ଚ୍ଚା ଅଭିଯୋଗ କରିବା ସହ ଜାଲ କାଗଜପତ୍ର ପ୍ରସ୍ତୁତି, ଟଙ୍କା ଆତ୍ମସାତ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୨୩ ମସିହାରୁ ଆଜି ପର୍ଯ୍ୟନ୍ତ କାକଟପୁର ବ୍ଲକର ୧୬ଟି ପଞ୍ଚାୟତରେ ପ୍ରତିବର୍ଷ ଖରାଦିନେ ଜଳଛତ୍ରରେ ବ୍ୟବସ୍ଥା ହୁଏ। ପାଣି ଦେବା ପାଇଁ ଏଥିରେ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିଲା। ଗୋଟିଏ ଜଳଛତ୍ର କେନ୍ଦ୍ର ପାଇଁ ଦୈନିକ ମଜୁରୀ ବାବଦକୁ ୨୨୦ ଟଙ୍କା ପ୍ରଦାନ କରାଯାଏ। କିନ୍ତୁ, ଅଧିକାଂଶ ଗ୍ରାମପଞ୍ଚାୟତରେ ଜଳଛତ୍ର କେନ୍ଦ୍ରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କର ମଜୁରୀ ଅର୍ଥକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଛନ୍ତି। ଶ୍ରମିକଙ୍କୁ ମଜୁରୀ ପ୍ରଦାନ ନାଁରେ ଗତ ୩ ବର୍ଷ ମଧ୍ୟରେ ଲକ୍ଷାଧିକ ଟଙ୍କା ଉଠାଇଥିଲେ ମଧ୍ୟ ଏହି ଟଙ୍କା ସେମାନଙ୍କୁ ପ୍ରଦାନ ନକରି ଆତ୍ମସାତ୍ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାଇ କାକଟପୁର ବ୍ଲକ୍‌ର ସୋହଳଟି ପଞ୍ଚାୟତରେ ଏହି ପରି ଜାଲିଆତି ବୋଲି ପ୍ରମାଣ ମିଳିଛି। ସରକାରୀ କାଗଜପତ୍ରକୁ ଜାଲିଆତି କରି ଅର୍ଥକୁ ମିଳିମିଶି ଆତ୍ମସାତ୍ କରିଥିବା ଓ ଶ୍ରମିକଙ୍କ ନାଁରେ ମଜୁରୀ ଅର୍ଥ ଉଠାଣ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ଯୁବମୋର୍ଚ୍ଚା ପ୍ରିୟ ବ୍ରତ ବିଶ୍ୱାଳ, ରଞ୍ଜନୀ ରଞ୍ଜନ ମଳିକ, ଲଳିତ କୁମାର ରଥ, ସୁବ୍ରତ ସ୍ୱାଇଁ କାଳନ୍ଦୀ ଦୀକ୍ଷିତ ଦାବି କରିଛି। ଘଟଣା ସମ୍ପର୍କରେ ପୁରୀ ଉପଜିଲ୍ଲାପାଳ, ପୁରୀ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ସମ୍ବଲପୁରରେ ଯୁଗଳମୂର୍ତ୍ତିଙ୍କ ଦର୍ଶନ କଲେ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ

**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସହରର ବିଭିନ୍ନ କୋଲୋନୀକୁ ଯାଇ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇଛନ୍ତି । କେନ୍ଦ୍ରମନ୍ତ୍ରୀ ବୁଢାରାଜା ସ୍ଥିତ ଜଗନ୍ନାଥ କୋଲୋନୀ, ମୁଦିପଡ଼ାରେ ଜାଗେଶ୍ୱର ବାବା, ନନ୍ଦପଡ଼ାରେ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ସ୍ଥିତ କଚେରି ଛକ ଠାରେ ଯୁଗଳମୂର୍ତ୍ତି ଦର୍ଶନ କରିଥିଲେ। ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ସାମିଲ ହେବା ସହ କନ୍ୟା ପିତାମାତାଙ୍କୁ ଭେଟିଥିଲେ । ସେହିପରି ସଂଧ୍ୟାରେ ସମ୍ବଲପୁର ମ୍ୟୁନିସପାଲିଟି ଛକରେ ଗୁପ୍ତେଶ୍ୱର ମନ୍ଦିର, ହୀରାକୁଦ ନୀଳକଣ୍ଠେଶ୍ୱର ମନ୍ଦିରର ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହୋଇ ମହାଆଳତି କରିଥିଲେ କେନ୍ଦ୍ରମନ୍ତ୍ରୀ। ଖେତରାଜପୁରରେ ମଧ୍ୟ 'ମାରୱାଡ଼ି ଯୁବ ମଞ୍ଚ' ତରଫରୁ ଅନୁଷ୍ଠିତ ଶୀତଳ ଷଷ୍ଠୀ ଯାତ୍ରାରେ ଯୋଗଦେଇ ଶ୍ରୀ





ପ୍ରଧାନ ଖୁସିବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରତ୍ୟକ୍ଷ ଭାବେ ସମ୍ବଲପୁରରେ ଶୀତଳ ଷଷ୍ଠୀରେ ସାମିଲ ହେବା ମୋର ସୌଭାଗ୍ୟ। ଶୀତଳ ଷଷ୍ଠୀ ଯାତ୍ରା ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ଅନନ୍ୟ ନିଦର୍ଶନ। ଶୀତଳ ଷଷ୍ଠୀର ଥାଳି ଉଠା, ପତର ପେଣି, ଗୁଆ ଗୁଣା, ଦେବ ନିମନ୍ତ୍ରଣ ଏବଂ ଦେବ ବିବାହ ଇତ୍ୟାଦି ପରମ୍ପରା ଏହି ପର୍ବକୁ ଗୋଟିଏ ଭିନ୍ନ ପରିଚୟ ଦେଇଛି। ମହାଦେବ ଓ ମାତା ପାର୍ବତୀଙ୍କର ଏହି ଅନନ୍ୟ ପରମ୍ପରା ଲୋକମାନଙ୍କୁ ଭକ୍ତିରେ ସମର୍ପିତ ହେବାର ଅବସର ଦେଇଛି। ଦେବ ଦମ୍ପତ୍ତିଙ୍କ ବିବାହ ଉତ୍ସବ ନେଇ ସାରା ରାଜ୍ୟ ଉତ୍ସବମୁଖର ହୋଇଛି। ରାଜ୍ୟର ଅନେକ ଅଞ୍ଚଳରୁ ସପରିବାର ସମ୍ବଲପୁରକୁ ଆଗମନ କରୁଛନ୍ତି। ସମ୍ବଲପୁରର ଶୀତଳଷଷ୍ଠୀର ବିଶେଷ ପର୍ବରେ ରହି ନିଜକୁ ସୌଭାଗ୍ୟଶାଳୀ ମନେକରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେହିପରି ପୌରାଣିକ କଥାବସ୍ତୁ ଉପରେ ଆଧାରିତ ୪୦୦ବର୍ଷର ସମୃଦ୍ଧ। ଧାର୍ମିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ବହନ କରୁଥିବ। ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ସହରରେ ଲକ୍ଷଲକ୍ଷ ଲୋକଙ୍କ ମହାସ୍ରୁ ସମାଗମ ହୋଇଛି। ଗତକାଲି ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ପରେ ଭକ୍ତଜନକୁ ଯୁଗଳ ଦର୍ଶନ ଦେବା ପାଇଁ ଯାତ୍ରାରେ ବାହାରିଛନ୍ତି । ଶିବ ଓ ଶକ୍ତିଙ୍କ ଏହି ଅନନ୍ୟ ସ୍ୱରୂପକୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂରରୁ ଭକ୍ତମାନେ ସମ୍ବଲପୁର ଧାଇଁ ଆସିଛନ୍ତି। ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ବିଭିନ୍ନ ପଡାକୁ ଯାଇ ଶିବପାର୍ବତୀଙ୍କ ଦର୍ଶନ କରିଥିଲେ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡିଶା ପ୍ରଦେଶ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମର, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକ, ପୂର୍ବତନ ମନ୍ତ୍ରୀ ରୋହିତ ପୁଝାରୀ, ପରିବହନ ମନ୍ତ୍ରୀ ବିଭୁତିଭୂଷଣ ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଭିନ୍ନ ମନ୍ଦିରକୁ ଯାଇ ଦେବ ଦମ୍ପତିଙ୍କ ଦର୍ଶନ ସହ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏତଦ୍ ବ୍ୟତିତ ବହୁ ସାଧୁସନ୍ଥ ମଧ୍ୟ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ ଚଳିତ ବର୍ଷ ଲୋକନାଥ ବାବାଙ୍କ ବିବାହ ପାଇଁ ପାର୍ବତୀଙ୍କ କନ୍ୟାପକ୍ଷ ଭୂମିକା ନିର୍ବାହ କରୁଛନ୍ତି।

# ଶ୍ରୀ ଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଆନୁକୂଲ୍ୟରେ ଯୁବ ପ୍ରଶିକ୍ଷଣ



**କଳିଙ୍ଗ ନଗର,(ଡିକେ ନ୍ୟୁଜ୍):** ଶ୍ରୀଜଗନ୍ନାଥ ଚେତନା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ସ୍ଥିତ ମାନତୀରା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ଯୁବକ ଯୁବତୀମାନଙ୍କୁ ନେଇ ଏକ ଯୁବ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ସର୍ବପ୍ରଥମେ ଚାରଣ ମାନେ ମହାପ୍ରଭୁଙ୍କ ଆଜ୍ଞାମାଳକୁ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ସଙ୍କୀର୍ତ୍ତନ କରି ନଗର ପରିକ୍ରମା ପୂର୍ବକ ସଭାସ୍ଥଳୀ ବିଜେ କରାଇଥିଲେ। ଆଜ୍ଞାମାଳ ସ୍ଥାପନା ପରେ ଅନୁଷ୍ଠାନର ଦଳପତି ଡଃ ଶରତ ଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମନ୍ଦିରର ପୂଜକ ତଥା ଉପସ୍ଥିତ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦପାଠ କରିଥିଲେ। ଉପସ୍ଥିତ ସମସ୍ତ ଶିବିରାର୍ଥୀ ଯୁବକ ଯୁବତୀମାନେ ଚାରଣମାନଙ୍କ ସହିତ ସମୁହ ସ୍ୱାଧ୍ୟାୟ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ମହାପ୍ରଭୁଙ୍କ ଆଜ୍ଞା ନେଇ ଦଳପତି ଡଃ ଶରତ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଣତୀରା ମଣ୍ଡଳର ବରିଷ୍ଠ ଚାରଣ ବାସୁଦେବ ପାଳ ସ୍ୱାଗତ ସମ୍ଭାଷଣ ଜ୍ଞାପନ ସହ ଚାରଣ ଚର୍ଚ୍ଚା ଏବଂ ସଦ ଆଚରଣ ମାଧ୍ୟମରେ ଯୁବ ସମାଜର ଉଚିତ୍ ଚରିତ୍ର ଗଠନର ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ଆଧାରିତ ତଥ୍ୟ, ତତ୍ତ୍ୱ ସମ୍ବନ୍ଧୀୟ ଶିକ୍ଷା ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ଉପସ୍ଥିତ ଶିବିରାର୍ଥୀମାନଙ୍କର ମଧ୍ୟ ଏକ ଲିଖିତ ପରୀକ୍ଷା କରାଯାଇ ଉତ୍ତୀର୍ଣ୍ଣ ଯୁବକଯୁବତୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଯୁବ ସମାଜକୁ ଉତ୍ସାହିତ କରାଯାଇଥିଲା। ଏହି ସଭାରେ ଭାଗବତ ଧର୍ମ ସହ ଜଗତର କୋଣାନୁକୋଣରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚେତନା ପ୍ରଚାର ପ୍ରସାର ପାଇଁ ଯୁବ ସମାଜକୁ ଆହ୍ୱାନ ଦିଆ ଯାଇଥିଲା। ମହାପ୍ରଭୁଙ୍କ କାର୍ଯ୍ୟରେ ନିଜକୁ ସାମିଲ କରାଇ ଜଣେ ଜଣେ ସାଧନରତ ଚାରଣ ହେବା ପାଇଁ ଶିବିରାର୍ଥୀମାନେ ଇଚ୍ଛା ପ୍ରକାଶ କରିଥିଲେ। ପରିଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାଣତୀରା ମଣ୍ଡଳ ସଂଗଠକ, ମାନତୀରା ଗ୍ରାମସ୍ଥ ଯୁବକ ସମାଜ, ମନ୍ଦିରର କର୍ମକର୍ତ୍ତାମାନଙ୍କ ସହ ଯାଜପୁର ରୋଡ଼ ଓ ଟାଉନ ମଣ୍ଡଳ ସଂଗଠକ, ଭଦ୍ରକ ଜିଲ୍ଲାର ମଣ୍ଡଳ ସଂଗଠକ, କେନ୍ଦୁଝରର ମଣ୍ଡଳ ସଂଗଠକ, କଟକ ମଣ୍ଡଳ ସଂଗଠକ ସମେତ ବହୁତ ବରିଷ୍ଠ ଚାରଣ ମାନେ ଯୋଗଦାନ କରି କାର୍ଯ୍ୟକ୍ରମ ସଫଳ କରାଇଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ରାୟଗଡ,(ଡିକେ ନ୍ୟୁଜ୍):** ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ ଜିଲ୍ଲାସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ୍. କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡ, ରଣେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୫୫ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୨ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା । ୧୧ଜଣଙ୍କୁ ୧୧୮ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

# ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ନିଧିପୁର ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କ ନିକଟରେ ଦାବି




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ବେଗୁନିଆ ବ୍ଲକ ଅଧିନସ୍ଥ ହଜ ଗ୍ରାମପଞ୍ଚାୟତ ନିଧିପୁର ଗ୍ରାମର ବହୁ ଚାଷୀ ମୁଖ୍ୟତଃ ଚାଷକାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରୁଥିବା ବେଳେ, ଚାଷୀମାନଙ୍କ ସୁବିଧା ନିମନ୍ତେ ବହୁ ବର୍ଷପୂର୍ବେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳସେଚନର ସୁବିଧା ପାଇଁ ଏକ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ଚାଷ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି ହେବାଫଳରେ ଚାଷୀ ସଂଖ୍ୟା ଆଶାତିତ ଭାବରେ ବୃଦ୍ଧି ପାଇଛି। ଫଳରେ ଆବଶ୍ୟକ ଅନୁଯାୟୀ ସମସ୍ତ ଚାଷ ଜମି ଗୁଡିକୁ ପାଣି ଯୋଗାଇବା ସମ୍ଭପର ହୋଇପାରୁନାହିଁ। ଯାହାଫଳରେ ଅନେକ ଫସଲ ପାଣି ଅଭାବରୁ ନଷ୍ଟ ହୋଇଯାଇଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଧିପୁର ଗ୍ରାମରେ ଏକ ନୂତନ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଗ୍ରାମବାସୀମାନେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କିତ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ସାହାସପୁରରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

**ଯାଜପୁର,(ଡିକେ ନ୍ୟୁଜ୍):** ଚାଷୀମାନଙ୍କୁ ପ୍ରାକ୍ ଖରୀପ ଫସଲ ଚାଷ ପାଇଁ ସରକାରଙ୍କ ବିଭିନ ଯୋଜନା, ପ୍ରୋତ୍ସହନ ଓ ନୂତନ ଜ୍ଞାନ କୌଶଳ ବିଷୟରେ ଅବଗତ କରାଇବା ନିମନ୍ତେ ସାହାସପୁର ପଂଚାୟତରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସଚେତନତା ଶିବିର ଅନୁଷ୍ଠିତ କରାଯାଇଅଛି। ବ୍ଲକ



କୃଷି ଅଧିକାରୀ ବିଭୁତି ଭୂଷଣ ପତିଙ୍କ ସଂଯୋଜନାରେ ଅଭିଯାନର କେନ୍ଦ୍ରୀୟ କୃଷିରତ ମହିଳା ଗବେଷଣା ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡ଼କ୍ଟର ଲିପି ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ବିଜୟ କୁମାର ରାଉତରାୟ, ଡ଼କ୍ଟର ବବିତା ମିଶ୍ର, କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା କେନ୍ଦ୍ର ଭୁବନେଶ୍ୱର ବୈଜ୍ଞାନିକ ଡ଼କ୍ଟର ମୋହନ ବାଗେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହାସପୁର ସରପଞ୍ଚ କଳ୍ପନା ଭୂୟାଁ, ବିଟିଏମ ପାର୍ଥ ପ୍ରତିମ ସ୍ୱାଇଁ, ଏଟିମ ଶ୍ରଦ୍ଧାଞ୍ଜଳି ବେହେରା, ଶୁଭଶ୍ରୀ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ଅନନ୍ତ ଚରଣ ମାଝୀ, ମାନସ ମଲ୍ଲିକ ପ୍ରମୁଖ ଉପସ୍ଥିତି ଥିଲେ। କୃଷି ରଥ ମାଧ୍ୟମରେ ଗ୍ରାମରେ ସରକାରଙ୍କ ଦ୍ୱାରା ବିଭିନ୍ନ ସହାୟତା, ସୁବିଧା ବିଷୟରେ ଅବଗତ କରାଯାଇଥିଲା।

# ଅହୀର ରେଜିମେଣ୍ଟ ଦାବିରେ କଳସ ଯାତ୍ରା



**ଧର୍ମଗଡ,(ଡିକେ ନ୍ୟୁଜ୍):** ଭାରତ-ଚୀନ୍ ଯୁଦ୍ଧରେ ସହୀଦ ହୋଇଥିବା ୧୧୪ ଅହୀର ଯବାନଙ୍କ ବୀରତ୍ୱର ଗାଥା ଜନମାନସରେ ଉପସ୍ଥାପିତ କରିବା ପାଇଁ ଆରମ୍ଭ ହୋଇଛି ରେଜାଙ୍ଗଲା ସହୀଦ ମାଟି କଳସ ଯାତ୍ରା। ରବିବାର କୋକସରା ଠାରେ ଏହି କଳସ ଯାତ୍ରାକୁ ଯାଦବ ସମାଜ କୋକସରା ବ୍ଲକ ପକ୍ଷରୁ ମୋଟେର ଛକରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ରେଜେଙ୍ଗଲାର ପବିତ୍ର ମାଟିକୁ ବହନ କରିଥିବା ଏହି କଳସ ଯାତ୍ରା କଳାହାଣ୍ଡିରେ କେସିଙ୍ଗା ଠାରୁ ଆରମ୍ଭ ହୋଇ କୋକସରାଠାରେ ସମାପ୍ତ ହୋଇଥିଲା। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ ଓ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଗୋବିନ୍ଦ ବନଛୋରଙ୍କ ନେତୃତ୍ୱରେ ଆୟୋଜିତ ରେଜାଙ୍ଗଲା ମାଟି କଳସ ଯାତ୍ରାରେ ରାଷ୍ଟ୍ରୀୟ ସହ ସଂଯୋଜକ କିରଣ ଯାଦବ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ଡ଼ ସଞ୍ଜୟ ଧଙ୍ଗଡାମାଝୀ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ତ୍ରିଲୋଚନ ନାଗ, ରାଜ୍ୟ ଯୁବ ସଭାପତି ଅମର କୁମାର ନାଏକ, ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ, ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା ଓ ଉପସଭାପତି ସୁନୀଲ କୁମାର ଧଙ୍ଗଡାମାଝୀ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ମହିଳା ଶାଖା ସଭାନେତ୍ରୀ ରଶ୍ମୀରେଖା ରାଉତ, କୋକସରା ବ୍ଲକ ଯାଦବ ସମିତି ସଭାପତି ବିନୋଦ ରାଉତ, ସମ୍ପାଦକ ଅଲେଖ ଗୋପାଳ, ବିଦ୍ୟାଧର ଗହୀର, ସୁଦର୍ଶନ ବେହେରା, ଯୋଗେନ୍ଦ୍ର ହଂସ, ମାନସ ରଞ୍ଜନ ବାଗ, ପାର୍ଥ ଗୋପାଳ, ପ୍ରହଲ୍ଲାଦ ଚଣ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ୧୯୬୨ ମସିହା ନଭେମ୍ବର ୧୮ରେ ଲଦାଖର ରେଜାଙ୍ଗଲାରେ ହୋଇଥିବା ଭାରତ-ଚୀନ୍ ଲଢେଇରେ ୧୨୦ ଅହୀର (ଯାଦବ) ବୀର ଯବାନ ଚୀନର ପ୍ରାୟ ୩ହଜାର ସୈନିକଙ୍କୁ ମାରିଥିଲେ। ୧୨୦ରୁ ୧୧୪ ଅହୀର ଯବାନ ଦେଶ ପାଇଁ ସହୀଦ ହୋଇଯାଇଥିଲେ ଏବଂ ୬ ଜଣ ଗୁରୁତର ଆହତ ହୋଇଥିଲେ। ସେହି ପବିତ୍ର ସହୀଦ ମାଟି କଳସ ବିହାରର ଛପ୍ରାରୁ ବାହାରି ଥିବାବେଳେ ସମଗ୍ର ଭାରତ ପରିକ୍ରମା କରି ନଭେମ୍ବର ୧୮ରେ ନୂଆଦିଲ୍ଲୀରେ ପହଞ୍ଚିବ। ସେନାରେ ଅହୀର ରେଜିମେଣ୍ଟ ଗଠନ ନେଇ ସେଠାରେ ଅଖିଳ ଭାରତବର୍ଷୀୟ ଯାଦବ ମହାସଭା ପକ୍ଷରୁ ଦାବି ଉପସ୍ଥାପନ କରାଯିବ।

# କାର୍ଯ୍ୟକ୍ଷମ ହେଉନି ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ : ଭୁଲି ଯାଇଛି ବିଏମସି

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଅଦରକାରୀ ବୈଦ୍ୟୁତିକ ଯନ୍ତ୍ରପାତିକୁ ପୁନଃ ବ୍ୟବହାର କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଥିଲା ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ। ୨୦୨୧ ସେପ୍ଟେମ୍ବର ୧୧ରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଜରିଆରେ ସହରର ବିଭିନ୍ନ ଇଲକ୍ଟ୍ରୋନିକ୍ସ ଦୋକାନ ଏବଂ ଘରୁ ବାହାରୁଥିବା ନଷ୍ଟ ବୈଦ୍ୟୁତିକ ଯନ୍ତ୍ରପାତିକୁ ସଂଗ୍ରହ କରିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିପାଇଁ ମହାନଗର ନିଗମର ସ୍ୱତନ୍ତ୍ର ଗାଡି ଯୋଗେ ସହରର ବହୁ ମୋବାଇଲ ରିପେରିଂ ସେଣ୍ଟର, ଫ୍ୟାନ୍, ଫ୍ରିଜ୍, ଟିଭି ଇତ୍ୟାଦି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମରାମତି ଦୋକାନରୁ ବାହାରୁଥିବା ଅନାବଶ୍ୟକ ବୈଦ୍ୟୁତିକ ଉପକରଣକୁ ସଂଗ୍ରହ କରାଯାଉଥିଲା। କିନ୍ତୁ ବିଗତ କିଛି ବର୍ଷ ଧରି ଏହି ଅଭିଯାନ କାର୍ଯ୍ୟକ୍ଷମ ହେଉନଥିବା ଜଣାପଡିଛି। ପ୍ରାୟ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଇ-ବର୍ଜ୍ୟବସ୍ତୁ ପରିଚାଳନା ନେଇ କୌଣସି ବିଧିବଦ୍ଧ କିମ୍ବା ଅଭିଯାନ କରି ଭୁଲି ଯାଇଛି ବିଇଏମସି। ବ୍ରହପୁର ମହାନଗର ନିଗମ ନିୟମିତ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉନାହିଁ। ସୂଚନା ଅନୁସାରେ, ଏହି




ବ୍ୟବସ୍ଥା ଆରମ୍ଭ ହେବା ପରେ ଆନ୍ଧ୍ରପ୍ରଦେଶର ଏକ କମ୍ପାନୀ ସହ ବିଇଏମସି ଚୁକ୍ତି କରିଥିଲା। ଏକ-ଟନ୍ ଇ-ବର୍ଜ୍ୟବସ୍ତୁ ସଂଗ୍ରହ ପରେ ଏହି କମ୍ପାନୀ ନେବ ବୋଲି ଚୁକ୍ତି କରିଥିଲା ଓ କିନ୍ତୁ ପରବର୍ତ୍ତୀ ସମୟରେ ଏହି ଅଭିଯାନ ଫେଲ୍ ମାରିଥିବା ବି ଜଣାପଡିଥିଲା। ସମ୍ପ୍ରତି ଏନେଇ ବିଇଏମସି ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା (ସାନିଟେସନ୍), କହିଛନ୍ତି, ଯେଉଁ ରି-ସାଇକେଲ ରେସକ୍ୟୁ ସେଣ୍ଟର ରହିଛି, ତାର ସମୀକ୍ଷା କରି, ତାକୁ କ୍ରିୟାଶୀଳ କରାଇବା ସହ ଇ-ବର୍ଜ୍ୟବସ୍ତୁ ସୃଷ୍ଟି କରୁଥିବା ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକୁ ସଚେତନ କରିବାକୁ ହେବ। ବିଗତ ଦୁଇ ବର୍ଷ ହେବ ଏଭଳି କିଛି ଅଭିଯାନ କାର୍ଯ୍ୟକାରୀ ହେଉନାହିଁ। ତେବେ ପୂର୍ବ ରେକର୍ଡ ଦେଖି ଏହାକୁ କିଭଳି ପୁନଃ କାର୍ଯ୍ୟକ୍ଷମ କରିହେବ ସେହି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଖବର ପ୍ରକାରେ, ପୂର୍ବରୁ ଏହି ଅଭିଯାନରେ ପ୍ରତି ଶନିବାର ଇ-ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଥିଲା। ଏକ ଏସଏଚଜିକୁ ମଧ୍ୟ ଏହି ଦାୟିତ୍ୱ ଦିଆଯାଇଥିଲା। ପୂର୍ବରୁ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନକୁ ମଧ୍ୟ କିଛି ଇ-ବର୍ଜ୍ୟବସ୍ତୁ ଦିଆ ଯାଇଥିଲା।

## ସ୍ତ୍ରୀର ଛୁରା ମାଡରେ ସ୍ୱାମୀ ମୃତ

**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗୋବିନ୍ଦପୁରରେ ଅଭାବନୀୟ ଘଟଣା। ସ୍ତ୍ରୀର ଛୁରା ମାଡ଼ରେ ସ୍ୱାମୀ ମୃତ। ମୃତ ସ୍ୱାମୀ ଜଣଙ୍କ ହେଲେ ୩୫ ବର୍ଷୀୟ କାଳିଆ ସେଠୀ। ପରକ୍ରିୟା ପ୍ରୀତିରେ ପଡ଼ି ସ୍ତ୍ରୀ ନିଜ ସ୍ୱାମୀକୁ ହତ୍ୟା କରିଥିବା ନେଇ ପରିବାର ପକ୍ଷରୁ ଅଭଯୋଗ ହୋଇଛି। ସୂଚନା ଅନୁସାରେ କାଳିଆ ସେଠୀ ଦୀର୍ଘ ୧୪ ବର୍ଷ ତଳେ ଡିମ୍ବିରିଆ ଗ୍ରାମର ନିଜ ମାମୁଁ ଝିଅ ପୂଜା ସେଠୀକୁ ଭଲପାଇ ପ୍ରେମ ବିବାହ କରିଥିଲେ। କିଛି ଦିନ ହେଲା ସ୍ତ୍ରୀ ପୂଜା ମୋବାଇଲରେ ଅନ୍ୟ କାହା ସହ କଥା ହେଉଥିବା ନେଇ ସ୍ୱାମୀ ଜଣଙ୍କ ସନ୍ଦେହ କରିବା ସହ ଘଟଣାକୁ ନେଇ ପ୍ରତ୍ୟେକ ଦିନ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ଲାଗି ରହିଥିଲା। ତେବେ ଗତ କାଲି ରାତିରେ କାଳିଆ ଘରେ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଛୁରା ମାଡ଼ କରି ହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଘଟଣା ସ୍ଥଳରେ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ଅନ୍ୱେଷା ଅନୁଷ୍ଠାନ ପକ୍ଷରୁ ନିଆରା ସାମୂହିକ ଜନ୍ମଉତ୍ସବ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ରାଉରକେଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା -ଦ ହେଲପିଙ୍ଗ ହ୍ୟାଣ୍ଡ ତରଫରୁ ୧୧୩ତମ ସାମୂହିକ ଜନ୍ମଉତ୍ସବ ଆୟୋଜିତ ହୋଇଛି। ରାଉରକେଲା ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନ ଠାରେ ୧୧୩ତମ ସାମୂହିକ ଜନ୍ମଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ ଉପ ସଭାପତି ରଶ୍ମିତା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗଦା ସ୍ଥିତ ମାନବସେବା ପ୍ରତିଷ୍ଠାନର ଅନ୍ତେବାସୀମାନେ ହେମନ୍ତ ତାଣ୍ଡିଆଙ୍କ ଆହ୍ୱାନରେ ଯୋଗ ଦେଇଥିଲେ। ଚଳିତ ମାସରେ ଜନ୍ମ ଗ୍ରହଣ କରିଥିବା ପିଲାମାନଙ୍କ ସହ ଅନ୍ୱେଷା ପରିବାରର ସଦସ୍ୟ ମାନଙ୍କ ଜନ୍ମଦିନ ଉପଲକ୍ଷେ କେକ୍ କଟାଯାଇ ସେମାନଙ୍କ ସୁଖ ସମୃଦ୍ଧି କାମନା କରାଯାଇଥିଲା। ଅତିଥି ଭାବରେ ଶିକ୍ଷାବିତ ସୌଦାମିନୀ ସିଂ, ଲଳିତା ଲେଙ୍କା, ସମାଜ ସେବି କୁମାର ବେହେରା, ଡିମ୍ପଲ ସାହୁ, ନାରାୟଣ ସାହୁ, ଗୌରୀ ନାଗ, ଏହି ଅବସରରେ ଅନ୍ତେବାସୀ ମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଅତିଥି ମାନଙ୍କ ସହ ସମସ୍ତଙ୍କ ମଧ୍ୟରେ ଦୋସା, ମିଷ୍ଟାନ୍ନ ଓ ପିଠା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଚ୍ଚନା ଦେବତା, ବାସନ୍ତୀ ମହାନ୍ତି, ମାନସୀ ଦେ, ରଞ୍ଜନ ସାହୁ, ନିବେଦିତା ହଳଧର, ଚୈତନ୍ୟ ପରୋକ୍ଷ ଭାବରେ ସାହାଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞା ପାରମିତା ଦାଶ, ପ୍ରମୋଦ ଜଗଦେବ, ମାନୋସୀ ଘୋଷ, ମାଧବୀ ଚୌଧୁରୀ, ଧନଞ୍ଜୟ ଚୌଧୁରୀ, ଅନ୍ୱେଷା ପଣ୍ଡା, ଦେବୀକା ଘୋଷ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ତେଜିଲା ମଦ ବିରୋଧୀ ଆନ୍ଦୋଳନ

**କୋରାପୁଟ,(ଡିକେ ନ୍ୟୁଜ୍):** କୋରାପୁଟ ଜ଼ିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ତେଜିଲା ମଦ ବିରୋଧୀ ଆନ୍ଦୋଳନ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଦେଶୀ ଓ ବିଦେଶୀ ମଦ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ନେତୃତ୍ୱରେ କରାଯାଇଥିବା ବିରାଟ ଶୋଭାଯାତ୍ରାରେ ରାୟଗଡା ବିଧାୟକ ଆପାସାମୀ କାଡ୍ରାକା ସାମର୍ଥନ ଜଣାଇଥିଲେ। ଲକ୍ଷ୍ମୀପୁର ସଦର ମହକୁମା ରେଲୱେ ଷ୍ଟେସନ ପଡିଆ ଠାରୁ ହଜାର ହଜାର ପୁରୁଷ ଓ ମହିଳା ଏକତ୍ରିତ ହୋଇ ଏକ ବିରାଟ ରାଲିରେ ଆସି ଲକ୍ଷ୍ମୀପୁର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ବିଧାୟକଙ୍କ କହିବା ଅନୁସାରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ବେଆଇନ ଭାବେ ଅନେକ ଦେଶୀ ଓ ବିଦେଶୀ ମଦ ଦୋକାନ ଚାଲିଛି। ଅପମିଶ୍ରଣ ମଦ ପ୍ରସ୍ତୁତ କରାଯାଉଛି। ସେଇ ମଦକୁ ଲକ୍ଷ୍ମୀପୁର ସମେତ ବାହାର ଜ଼ିଲ୍ଲାକୁ ମଧ୍ୟ ଯାଉଛି। ବିଷାକ୍ତ ମଦ ପିଇ ଅନେକ ନୀରହ ଲୋକେ ମୃତ୍ୟୁ ବରଣ କରି ସାରିଲେଣି। ଆଉ ଅନେକ ଘର ସଂସାର ଉଜୁଡି ଗଲାଣି। ମଦ ଯୋଗୁ ନୂଆ ବିବାହିତା ମହିଳାମାନଙ୍କ ମୁଣ୍ଡରୁ ସିନ୍ଦୁର ଲିଭିଗଲାଣି। ମଦ ଦୋକାନ ବନ୍ଦ କରିବା ନେଇ ବାରମ୍ବାର ଅଭିଯୋଗ ପରେ ରାଜ୍ୟ ସରକାର ଓ ଜ଼ିଲ୍ଲା ପ୍ରଶାସନ କୌଣସି କର୍ଣ୍ଣପାତ କରୁନାହିଁ। ଶେଷରେ ବିଧାୟକ ବାଧ୍ୟ ହୋଇ ମଦ ଦୋକାନରେ ତାଲା ପକାଇଥିଲେ। କିଛି ସମୟ ପରେ ପ୍ରଶାସନ ସେଇ ମଦ ଦୋକାନମାନଙ୍କରୁ ତାଲା ହଟାଇ ଥିଲା। ଯାହାକୁ ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ଇସ୍ତାହାର ଜାରି କରିଥିଲା । ବିଜେପି କ୍ଷମତାକୁ ଆସିଲେ ଆଗେ ମଦ ଦୋକାନ ବନ୍ଦ କରିବ। କିନ୍ତୁ ଏଥି ମଧ୍ୟରେ ବିଜେପି ସରକାର ଆସିବାର ଏକ ବର୍ଷ ହୋଇଗଲାଣି। ଗୋଟେ ହେଲେ ବି ମଦ ଦୋକାନ ବନ୍ଦ ହୋଇନାହିଁ। ଆଗକୁ ଏହା ବଡ଼ ବଡ଼ ଧରଣର ଆନ୍ଦୋଳନର ମୁଣ୍ଡ ଟେକିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୋହଳ ଠାରେ ବାର୍ଷିକ ଉତ୍ସବ



**କଣ୍ଠାପଡ଼ା,(ଡିକେ ନ୍ୟୁଜ୍):** କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ଅନ୍ତରର୍ଗତ ଉରାଡ ପଞ୍ଚାୟତ ସ୍ଥିତ ପୋହଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସମ୍ପାଦକ ଅଶ୍ୱିନୀ କୁମାର ସ୍ୱାଇଁ ଓ ପ୍ରଧାନ ଆଚାର୍ଯ୍ୟ ବିନୟ ଶଙ୍କର ମହାନ୍ତି ଷଷ୍ଠ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତ୍ ତଥା ଅଧ୍ୟକ୍ଷ ମାର୍କଣ୍ଡେଶ୍ୱର ମହାପାତ୍ର, ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ପ୍ରଧ୍ୟାପ୍ରକ ଓଡ଼ିଆ ବିଭାଗ ଶ୍ରିଚରଣ ଦାସ ଆଦି ଯୋଗ ଦେଇଥିଲେ। ବିଦ୍ୟାଳୟଟି ୨୦୧୮ ମସିଆ ଏପ୍ରିଲ୍ ମାସରେ ସ୍ଥାପିତ ହେଇଥିଲା। ପ୍ରତି ବର୍ଷ ଭଳି ଏବର୍ଷ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ସରସ୍ୱତୀ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୧୫ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଶିକ୍ଷାଦାନ କରନ୍ତି। ବାର୍ଷିକ ଉତ୍ସବରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଖପାଖ ଅଞ୍ଚଳରୁ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଏବଂ ଅଭିଭାକଙ୍କୁ ଦେଖିବାକୁ ମିଳିଥିଲା। ସହଦେବ ପଟ୍ଟନାୟକ, ଦୀପ୍ତି ରଞ୍ଜନ ମହାପାତ୍ର, ନିରୁପମା ପ୍ରଧାନ, ସୁପ୍ରିୟା ମହାପାତ୍ର, ବିଶ୍ୱଜିତା ଚୌଧୁରୀ, କବିତା ବେହେରା ଆଦି ଉପସ୍ଥିତ ରହିଥିଲେ।

# ସମ୍ବଲପୁର ରେଙ୍ଗାଲିରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲାରେ ଚାଷୀଙ୍କ ଆୟକୁ ବଢାଇବା ସହ ସବୁ ପ୍ରକାର ଚାଷର ଉତ୍ପାଦନ ବଢାଇବା ଆମର ମୂଳ ଉଦ୍ଦେଶ୍ୟ ବୋଲି ସୋମବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ଚାଷ ଉତ୍ପାଦର ଉତ୍ପାଦନ ବଢାଇବା ଏବଂ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିଛନ୍ତି, ଯାହା ସାଧୁ ଉଦ୍ୟମ। ଏହି ବିକଶିତ କୃଷି ସଂକଳ୍ପ ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ୨୦୦୦ରୁ ଅଧିକ ବୈଜ୍ଞାନିକ ଦଳ ଗାଁ ଗାଁକୁ ଯାଇ ୧.୫ କୋଟିରୁ ଅଧିକ ଚାଷୀ ଭାଇଭଉଣୀମାନଙ୍କ ସହ ସିଧାସଳଖ କଥା ହେବେ। ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଓଡ଼ିଶାରେ ମଧ୍ୟ କୃଷି ପରାମର୍ଶ ଓ ସୂଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ଅନ୍ନଦାତାଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ସମ୍ବଲପୁର ଚଷା ଚାଷୀମାନଙ୍କର ଅଞ୍ଚଳ। ଏଠାରେ ମୂଳ ଜୀବିକା ହେଉଛି ଚାଷ। ଚାଷ ବେଉସା ଏହି ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ। ସମ୍ବଲପୁରରେ ଚାଷ କ୍ଷେତ୍ରରେ ଅନେକ ସମ୍ଭାବନା ଅଛି। ଏଠାରେ ଉତ୍ପାଦିତ ଆମ୍ବ ବାହାର ଦେଶକୁ ରପ୍ତାନୀ ହେଉଛି। ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟମ ହେବ। ବିଶେଷ ଭାବରେ ଆଳୁ ଓ ଡାଲି ଉପରେ ଆମେ ନିର୍ଭରଶୀଳ ଥିବା ବେଳେ ଏହି ଚାଷ କିପରି ସମ୍ବଲପୁରରେ ଅଧିକ ଉତ୍ପାଦନ କରାଯିବ, ସେ ଦିଗରେ ଯୋଜନା ହେବ। ଗାଁ ଗାଁ ବୁଲି ଚାଷୀମାନଙ୍କ ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ଫଳ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରାଯିବ। ସମ୍ବଲପୁରରେ ଉତ୍ପାଦିତ ହେଉଥବା ଫଳ ଓ ପନିପରିବାକୁ ବିଦେଶୀ ବଜାରରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା ହେବ। 'ନଗର ବନ ଯୋଜନା'ରେ ସମ୍ବଲପୁରର ପରିବେଶକୁ ସୁରକ୍ଷା ଦେବା ପାଇଁ ସାମୂହିକ ଉଦ୍ୟମ ହେବ। ଏଥିପାଇଁ ବୃକ୍ଷରୋପଣ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'କୃଷି ରଥ'ର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ କରିଥିଲେ।

## ସହକାରୀ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସମୂହ ବ୍ଲକ କର୍ମଚାରୀ ପୋଲିସର ଦ୍ୱାରସ୍ଥ



**ଧର୍ମଗଡ,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନଙ୍କୁ ଗତ ଶନିବାର ଅପରାହ୍ନରେ କୋକସରା ଗ୍ରାମର ଜଣେ ଯୁବକ ସନ୍ତୋଷ ନାଏକ ଓ ତାର ୪ ଜଣ ସହଯୋଗୀ ଯୁବକ ବ୍ଲକ ପରିସରରେ ଥିବା ସହକାରୀ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ କ୍ୱାର୍ଟରରେ ପହଞ୍ଚି ତୁ ବିଧାୟକଙ୍କ ଚାମଚଗିରି କରୁଛୁ ବୋଲି ଗାଳିଗୁଲଜ କରିବା ସହ ଧର୍ମଗଡ଼ ବିଧାୟକଙ୍କ ନାମରେ ନାନା ପ୍ରକାର ଗାଳିଗୁଲଜ କରିବା ମରଣାନ୍ତକ ଆକ୍ରମଣ କରିବା ସହ କ୍ୱାର୍ଟରରେ ଥିବା ଆସବାବପତ୍ର ଲାପଟପ୍ ଓ ସରକାରୀ କାଗଜପତ୍ର ଚିରିବା, ଫିଙ୍ଗିବା ପରେ ଛୁରୀରେ ଆକ୍ରମଣ କରିବାକୁ ଉଦ୍ୟତ ହେବାରୁ ସହକାରୀ ଯନ୍ତ୍ରୀ ନିକଟରେ ଥିବା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କ କ୍ୱାର୍ଟରକୁ ଜୀବନ ବିକଳରେ ପଶି ଯାଇଥଲେ। ତେବେ ଆକ୍ରମଣ କାରୀ ଯୁବକମାନେ ବିଡ଼ିଓଙ୍କ କ୍ୱାର୍ଟରରେ ପଶି ମଧ୍ୟରେ ଯନ୍ତ୍ରିଙ୍କୁ ମାଡ଼ ମାରିବା ପରେ ବିଡ଼ିଓ ଓ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା ପ୍ରତିରୋଧ କରିବାରୁ ଚାଲି ଯାଇଥିଲେ। ଏହି ଘଟଣା ସମ୍ପର୍କରେ ଅବଗତ ପରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ବିଡ଼ିଓ କ୍ୱାଟରରେ ପହଞ୍ଚି ଘଟଣା ଉପରେ ଦୁଇ ଅଧିକାରୀଙ୍କ ସହ ଆଲୋଚନା କରୁଥିବା ବେଳେ ପୁଣି ସନ୍ତୋଷ ନାଏକ ଓ ୪ ସହଯୋଗୀ ଯୁବକ ବଳପୂର୍ବକ ବିଡ଼ିଓ କ୍ୱାର୍ଟରରେ ପଶି ପୁଣି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ତେବେ ବିଡ଼ିଓ, ବ୍ଲକ ଉପାଧ୍ୟକ୍ଷ ଓ କନିଷ୍ଠ ଯନ୍ତ୍ରୀ ପ୍ରତିରୋଧ କରିବାରୁ ଗାଳିଗୁଲଜ କରି ବ୍ଲକ ପରିସରରେ ହୋହାଲ୍ଲା କରି ଚାଲି ଯାଇଥିଲେ। ରାତିରେ ଜୀବନ ବିକଳରେ ବ୍ଲକ ଉପାଧ୍ୟକ୍ଷଙ୍କ ସାହାଯ୍ୟରେ ସହକାରୀ ଯନ୍ତ୍ରୀ ଭବାନୀପାଟଣା ଚାଲି ଯାଇଥିଲେ। ସୋମବାର ଏନେଇ ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରୀ ପ୍ରଧାନ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଓ ବ୍ଲକର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିବା ପରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ବିଡ଼ିଓଙ୍କ ନେତୃତ୍ୱରେ ବ୍ଲକରୁ ଚାଲି ଚାଲି ଆସି କୋକସରା ପୁଲିସ ଥାନାରେ ପହଞ୍ଚି ଆକ୍ରମଣ କରିଥିବା ସନ୍ତୋଷ ନାଏକ ଓ ୪ ସହଯୋଗୀ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ଦେବାକୁ ବିଡ଼ିଓ ଡ଼. ମାଝୀ, ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ, ସମସ୍ତ କନିଷ୍ଠ ଯନ୍ତ୍ରୀ, ୨୨ ପଞ୍ଚାୟତରେ କାର୍ଯ୍ୟରତ ପିଇଓ, ଏଡିଇଓ, ଯୋଗାଣ ସହାୟକ, ସାମାଜିକ ସୁରକ୍ଷା ବିଭାଗୀୟ କର୍ମଚାରୀ, ମନରେଗା କର୍ମଚାରୀ, ଓଏଲଏମ କର୍ମଚାରୀ, ବ୍ଲକ କର୍ମଚାରୀ ସମୂହ ଥାନାରେ ପହଞ୍ଚି ସହକାରୀ ଯନ୍ତ୍ରୀଙ୍କ ଆକ୍ରମଣ କାରୀ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। କୋକସରା ଆଇଆଇସି ସ୍ନିଗ୍ଧା ରାଣି ସୁନାଙ୍କ ପ୍ରତିକ୍ରିୟା ନେବାରୁ ସହକାରୀ ଯନ୍ତ୍ରୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ଏମ୍‌କେସିଜି ମେଡିକାଲରେ ପୁଣି ରେଗିଂ

### ରେଗିଂ କରିଥିବା ଦୁଇ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏଁ ଜୋରିମାନା



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ବ୍ରହ୍ମପୁର ଏମକେସିଜି ମେଡିକାଲରେ ପୁଣି ରେଗିଂ। ଜଣେ ଏମବିବିଏସ ଚତୁର୍ଥ ବର୍ଷର ଛାତ୍ରଙ୍କୁ ଦୁଇ ହାଉସ ସର୍ଜନ ରେଗିଂ କରିଥିବା ଅଭିଯୋଗ। ରେଗିଂ କରିଥିବା ଦୁଇ ହାଉସ ସର୍ଜନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଜୋରିମାନା। ଏଣ୍ଟି ରେଗିଂ କମିଟିର ବୈଠକରେ ହେଲା ନିଷ୍ପତ୍ତି । ଗତ ମେ ମାସ ୧୨ ତାରିଖରେ ଜଣେ ଏମବିବିଏସ ଚତୁର୍ଥ ବର୍ଷର ଛାତ୍ରଙ୍କୁ ରେଗିଂ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମେ ୧୩ ତାରିଖରେ ଏମକେସିଜି ମେଡିକାଲ ଡିନଙ୍କୁ ଦୁଇ ଜଣ ରେଗିଂ କରିଥିବା ନେଇ ଲିଖିତ ଅଭିଯୋଗ ଦେଇଥିଲେ ସମ୍ପୃକ୍ତ ଛାତ୍ର । ଗତ କିଛି ଦିନ ପୂର୍ବରୁ ଏଣ୍ଟି ରେଗିଂ କମିଟିରେ ଅଭିଯୋଗ ହେବା ପରେ ଆଜି ଏମକେସିଜି ମେଡିକାଲରେ ହୋଇଥିଲା ବୈଠକ।

## ରେଙ୍ଗାଲିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଶୀତଳଷଷ୍ଠୀରେ ଯୋଗ ଦେବା ପାଇଁ ଆସିଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ଚାରି ଦିନ ରହି ସୋମବାର ଦିଲ୍ଲୀ ଫେରିଯିବା ବେଳେ ରେଙ୍ଗାଲିବ୍ଲକ କୃଷି ବିଭାଗ ପକ୍ଷରୁ ସ୍ଥାନିୟ ରାମଚନ୍ଦ୍ର ନଗର ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବିକଶିତ କୃଷି ସଂକଳ୍ପ ଅଭିଯାନ ଯୋଗ ଦେଇଥିଲେ। ଏହି ସମୟରେ ରେଙ୍ଗାଲି ଅଧିବାସୀଙ୍କ ପକ୍ଷରୁ ରେଙ୍ଗାଲି ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଯିତେନ୍ଦ୍ର ପ୍ରସାଦ ପଣ୍ଡା,ସୁନୀଲ କୁମାର ପ୍ରଧାନ ରେଙ୍ଗାଲି-ସପ୍ନେ ରାସ୍ତାର ରେଲୱେ କ୍ରସିଂ ଠାରେ ଅଣ୍ଡରପାସ ରାସ୍ତା ନିର୍ମାଣ, ରେଲୱେ ଓଭରବ୍ରିଜର ନିର୍ମାଣ, ରାଜ୍ୟସରକାର ରେଙ୍ଗାଲିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା, ରେଙ୍ଗାଲିରେ ମିନି ଷ୍ଟାଡିୟମ ନିର୍ମାଣ କରିବା ଦାବିପତ୍ର ଦେଇଥିବା ବେଳେ ଗୋବର୍ଦ୍ଧନ ବାରିକ ଚାଷ ପାଇଁ ମେଘା ଲିଫ୍ଟ ଯୋଗେ ଯୋଗାଇ ଦିଆଯାଉ ପାଣି କଦଳିପିଟା ଓ ବାଘମୁଡା ଆଦି ଅଞ୍ଚଳକୁ ପହଞ୍ଚି ପାରୁନଥିବା ଦାବି ସହ ବହୁ ଦିନରୁ ଦାବି ହୋଇ ଆସୁଥିବା ରେଙ୍ଗାଲି ରେଲୱେ ଷ୍ଟେସନରେ ରାଜରାଣୀ ଏକ୍ସପ୍ରେସ, ଇଲେକ୍ଟ୍ରୋନିକ୍ସ କୋଚ ଲୋକେସନ ଡିସପ୍ଲେ, ବିଶାଖାପାଟନମରୁ ଅମୃତସରକୁ ଯାଉଥିବା ହୀରାକୁଦ ସୁପର ଫାଷ୍ଟ ଏକ୍ସପ୍ରେସର ରହଣି ପାଇଁ ରେଙ୍ଗାଲି ସଚେତନ ନାଗରିକମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ରବିବାର ଏବଂ ସମ୍ପର୍କୀୟମାନେ ଜାତି ପ୍ରଥାକୁ ନେଇ ଅଣ-ମାନବିକତାର ପରିଚୟ ଦେଲେ



**ବରଗଡ,(ଡିକେ ନ୍ୟୁଜ୍):** ସମ୍ପ୍ରତି, ସାନ-ସାରେଇପାଲିର ଛୋଟ ଗାଁ ଏକ ହୃଦୟବିଦାରକ ଘଟଣା ଦେଖିଥିଲା ଯାହା ସାମାଜିକ ବିଭାଜନକୁ ଉଜ୍ଜ୍ୱଳ କରିଥିଲା। ଏହା ସବୁ ଆରମ୍ଭ ହୋଇଥିଲା ଯେତେବେଳେ ସୀମନ୍ତଙ୍କ ପରିବାର, ଜଣେ ସାହସୀ ବ୍ୟକ୍ତି ଯିଏ ତାଙ୍କ ଜାତି ବାହାରେ ବିବାହ କରିଥିଲେ। ତାଙ୍କ ଦୁଃଖଦ ମୃତ୍ୟୁ ପରେ ତାଙ୍କ ଠାରୁ ମୁହଁ ଫେରାଇ ନେଇଥିଲେ ତାଙ୍କ ସାନ ଭାଇ ରାମକୃଷ୍ଣ ମିର୍ଦ୍ଧାଙ୍କ ସହିତ ଏକ ଭୟଙ୍କର ଯୁକ୍ତିତର୍କ ପରେ, ଉତ୍ତେଜନା ବୃଦ୍ଧି ପାଇଲା, ଯାହା ଏକ ମାରାତ୍ମକ ସଂଘର୍ଷର କାରଣ ହେଲା ଯାହା ସୀମନ୍ତଙ୍କ ଜୀବନ ନେଇଗଲା। ହସ୍ପିଟାଲ କରିଡରରେ ତାଙ୍କ ମୃତଦେହ ଦାବିହୀନ ପଡ଼ି ରହିବା ପରେ, ଏକ ଶୀତଳ ନୀରବତା ସମାଜକୁ ଘେରିଗଲା। କିନ୍ତୁ ଯେତେବେଳେ ଆଶା ହଜିଗଲା ବୋଲି ମନେ ହେଉଥିଲା, ସଂକଳ୍ପ ପରିବାରର ଦୟାଳୁ ସଦସ୍ୟମାନେ ଡାକରାକୁ ଉତ୍ତର ଦେଲେ। ପୋଲିସର ଅନୁରୋଧରେ ଏକାଠି ହୋଇ, ସେମାନେ ସୁଯୋଗ ପାଇଲେ, ସୀମନ୍ତଙ୍କୁ ତାଙ୍କ ଯୋଗ୍ୟ ବିଦାୟ ଦେବାକୁ ସ୍ଥିର କଲେ। ଦୟାଳୁତାର ଆଲୋକମାଳ ଭାବରେ ଉଭା ହୋଇ, ସେମାନେ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଏକ ହୃଦୟସ୍ପର୍ଶୀ ଅନ୍ତିମ ସଂସ୍କାର ସମାରୋହ ଆୟୋଜନ କଲେ। ଏହି ତିକ୍ତ-ମିଠା ସମାବେଶରେ ସୀମାନ୍ତଙ୍କ ଶୋକାକୁଳ ପତ୍ନୀ, ମା' ଏବଂ ଛଅ ବର୍ଷର ଝିଅ ଏକାଠି ହୋଇଥିଲେ। ଯେଉଁମାନେ ସଂକଳ୍ପ ପରିବାରର ସମର୍ଥନର ଉଷ୍ମତାରେ ଆଚ୍ଛାଦିତ ହୋଇଥିଲେ। ଅନନ୍ତ ସାହୁ, ଶେଷଦେବ ପଧାନ, ଶଶାଙ୍କ ଦିୱାନ ଏବଂ ଜି. ରମେଶଙ୍କ ସହିତ ଦୟାଳୁ ରାଷ୍ଟ୍ରପତି ବିକାଶ ଅଗ୍ରୱାଲଙ୍କ ନେତୃତ୍ୱରେ ସେମାନେ ଜୀବନକୁ ଏହି ଦୁଃଖଦ ଘଟଣାରେ ପରିଣତ କରିଥିଲେ। ଏହାକୁ ମର୍ଯ୍ୟାଦା ଏବଂ ପ୍ରେମର ଏକ ଉତ୍ସବ ଭାବରେ ରୂପାନ୍ତରିତ କରିଥିଲେ। ଏକାଠି, ସେମାନେ ଏକ ଦୁଃଖଦ କାହାଣୀକୁ ମାନବତାର ସ୍ଥିରତାର ଏକ ଶକ୍ତିଶାଳୀ ପ୍ରମାଣରେ ପରିଣତ କରିଥିଲେ। ପ୍ରଦର୍ଶନ କରିଥିଲେ ଯେ ବିଭାଜନର ଛାୟାରେ ମଧ୍ୟ ପ୍ରେମ ଏବଂ କରୁଣାର ବିଜୟ ହୋଇପାରେ।

## ଜାତୀୟ ପତାକା ଅବମାନନା ଓ ପାରାଦୀପରେ ଅରାଜକତା ସୃଷ୍ଟି କରୁଥିବା ବାପି ସର୍କେଲଙ୍କୁ ଗିରଫ ଦାବି କଲା ଦୁଇ ସଂଗଠନ

**ପାରାଦୀପ,(ଡିକେ ନ୍ୟୁଜ୍):** ସୋସିଆଲ ମିଡିଆରେ ଏକ ବାର୍ତ୍ତା ପ୍ରଦାନ ବେଳେ ଜନୈକ ଆତ୍ମଘୋଷିତ ନେତା ଅରିନ୍ଦମ ସର୍କେଲ ଓରଫ ବାପି ସର୍କେଲ ଜାତୀୟ ପତାକାକୁ ଅବମାନନା କରିବା ଅଭିଯୋଗରେ ପାରାଦୀପ ସିଟିଜେନ ଫୋରମ ଏବଂ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟ ସଂଗଠନ ପକ୍ଷରୁ ସୋମବାର ଦିନ ପାରାଦୀପ ଆଦର୍ଶ ଥାନାରେ ପୃଥକ ଭାବେ ଏତଲା ଦାୟର କରାଯାଇଛି । ସିଟିଜେନ ଫୋରମର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ ଏବଂ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ସୁଶାନ୍ତ କୁମାର ସ୍ୱାଇଁ ସେମାନଙ୍କ ସମର୍ଥକଙ୍କ ସହିତ ଆଦର୍ଶ ଥାନାର ଅଧିକାରୀ କାବୁଲି ବାରିକଙ୍କୁ ଭେଟି ଏତଲା ଦେବା ସହ ବାପି ସର୍କେଲକୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏତଦବ୍ୟତୀତ ନିଜର ପରିଚୟ ନଥିବା ତଥା ଅତୀତରେ ଦୁଇ ଦୁଇଟା ହତ୍ୟା ଘଟଣାରେ ଗିରଫ ହୋଇ ଜେଲ ଯାଇଥିବା ସର୍କେଲ ପାରାଦୀପରେ ତାର ଅସାମାଜିକ କାର୍ଯ୍ୟକଳାପ ଏବଂ ଶାନ୍ତ ସହର ପାରାଦୀପରେ ଅଶାନ୍ତି ର ବାତାବରଣ ସୃଷ୍ଟି କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ଶ୍ରୀ ଆଚାର୍ଯ୍ୟ ଓ ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି। ତେବେ ଅତୀତରେ ପାରାଦୀପରେ ଯୁବ ନେତା ମୁନା ପତି ହତ୍ୟା ଘଟଣା ଓ ଅନ୍ୟ ସଂଗଠିତ ଅପରାଧିକ ଘଟଣାରେ ବାପି ସର୍କେଲଙ୍କ ସଂଲିଷ୍ଟ ଅଭିଯୋଗକୁ ଭିତ୍ତି କରି ସିବିଆଇ ତଦନ୍ତ ନିମନ୍ତେ ସିଟିଜେନ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ଫୋରମର ସଭାପତି ଶଶାଙ୍କ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ବିଭିନ୍ନ ସମୟରେ ନିଜକୁ କେତେବେଳେ ଶ୍ରମିକ ନେତା, ରାଜନେତା ଓ ଆଉ କେତେବେଳେ




କର୍ପୋରେଟ ନେତା ଭାବେ କହି ସମ୍ପୃକ୍ତ ବ୍ୟକ୍ତି ସ୍ଥାନୀୟ ଯୁବ ନେତୃତ୍ୱଙ୍କ ନାମରେ ମିଥ୍ୟା ଅଭିଯୋଗରେ ସେମାନଙ୍କୁ ଜେଲ ପଠାଇବା, କମ୍ପାନୀ ମାନଙ୍କ ଠାରୁ ସମସ୍ତ କାର୍ଯ୍ୟ ହାତେଇ କମିଶନ ନେଇ ବାହାର ଲୋକଙ୍କୁ କାମ ଓ ନିଯୁକ୍ତି ଦେବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବେକାରୀ ଓ ବେରୋଜଗାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଏକ ସମସ୍ୟା ସୃଷ୍ଟି ହୋଇଛି । ତେବେ ସରକାର ପରିବର୍ତ୍ତନ ପରେ ଏବେ ପାରାଦୀପରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଆସିବା ସହ ଏପରି ଅସାମାଜିକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟକଳାପ ଉପରେ ରୋକ ଲାଗିଛି। ତେଣୁ ଏଥିରେ ବ୍ୟତିବ୍ୟସ୍ତ ହୋଇ ବାପି ସର୍କେଲ ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନ ବିରୁଦ୍ଧରେ ବିଭିନ୍ନ ମିଥ୍ୟା ଖବର ପ୍ରସାର କରି ସାଧାରଣରେ ଉତ୍ତେଜନା ସୃଷ୍ଟି କରୁଛି। ତେଣୁ ଏଭଳି କାର୍ଯ୍ୟକଳାପ ବନ୍ଦ ନହେଲେ ଏବଂ ଏଭଳି ଅପରାଧୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ପାରାଦୀପରେ ଏକ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଓ ଶ୍ରୀ ସ୍ୱାଇଁ ଚେତାବନୀ ଦେଇଛନ୍ତି।

# ଜର୍ଜ ଉଚ୍ଚ ବିଦ୍ୟାଳୟକୁ ବିଧାୟକଙ୍କ ପରିଦର୍ଶନ



ବରଗଡ, (ଡିକେ ନ୍ୟୁଜ୍): ସୋମବାର ବରଗଡ଼ ସ୍ଥିତ ଜର୍ଜ ଉଚ୍ଚ ବିଦ୍ୟାଳୟକୁ ବରଗଡ଼ର ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ପରିଦର୍ଶନରେ ଆସିଥିଲେ। ବରଗଡ଼ ସହରର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲକୁ ରାଜ୍ୟ ସରକାର ଦ୍ୱାରା ଐତିହ୍ୟ ବିଦ୍ୟାଳୟ ରୂପେ ମାନ୍ୟତା ଦିଆଯାଇଛି। ସେ ପରିପ୍ରେକ୍ଷୀରେ ସୋମବାର ବିଧାୟକ ଶ୍ରୀ ଷଡଙ୍ଗୀ ସ୍କୁଲକୁ ଗସ୍ତରେ ଆସିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାସ୍ୱତୀ ଦାଶ୍ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ସ୍କୁଲର ଅତିଥି କୋଠରୀରେ ଆସନ୍ତା ଏକ ଶହ ବର୍ଷ ପର୍ଯ୍ୟନ୍ତ ସ୍କୁଲର ଏକ ଯୋଜନା ପ୍ରସ୍ତୁତ ପାଇଁ ଚର୍ଚ୍ଚା କରାଯାଇଥିଲା। ତାର ପରେ ସ୍କୁଲ ଚତୁଃପାର୍ଶ୍ୱରେ ବୁଲି ଦେଖିଥିଲେ। ସୋମବାର ବିଧାୟକ ଶ୍ରୀ ଷଡଙ୍ଗୀ ପରିଦର୍ଶନ ସମୟରେ ସ୍କୁଲର ନୂତନ ଶ୍ରେଣୀଗୃହ, ସଭାଗୃହ, ପାଚେରୀ ଏବଂ ବିଶେଷ କରି ସ୍କୁଲର ଖେଳ ପଡିଆର ବିକାଶ ପାଇଁ ଉଚ୍ଚ ପାଚେରୀ ସାଙ୍ଗେ ସଙ୍ଗେ ଲାଇଟ ଲାଗି ବ୍ୟବସ୍ଥା ଲାଗି ପୂର୍ତ୍ତ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ଖୁବ୍ ଶୀଘ୍ର ଜର୍ଜ ହାଇସ୍କୁଲ୍ ଏକ ଆଧୁନିକ ଓ ଉନ୍ନତ ଶିକ୍ଷାନୁଷ୍ଠାନର ରୂପ ନେବ। ଆଜିକାର ବିଧାୟକଙ୍କର ଗସ୍ତ ସମୟରେ ପୂର୍ତ୍ତ ବିଭାଗର ଏସ୍‌ଡିଓ କଲୋ ବାବୁ, ସଞ୍ଜୟ ପାତ୍ର, ଏସ୍‌ଏମ୍‌ସି କବି ମହାରଣା, ପୁରାତନ ଛାତ୍ର ଦିବ୍ୟକିଶୋର ଦେତା, ବିଶ୍ୱଜିତ ମିଶ୍ର, ସତ୍ୟଜିତ ଦାଶ୍, ନବକିଶୋର ପାଣିଗ୍ରାହୀ, ଅମୃତଲାଲ ବେହେରା, ବରିଷ୍ଠ ଶିକ୍ଷକ ସୁରେଶ ଦାଶ୍, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ରଥଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ

ରାୟଗଡ, (ଡିକେ ନ୍ୟୁଜ୍): ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡରେ ବିଜେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରା ଓ ବାହୁଡ଼ା ଯାତ୍ରା ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନାଙ୍କ ଉପସ୍ଥିତରେ ଆଲୋଚନା କରାଯାଇଥିଲା। ଏହି ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପିତ୍ର ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ପୂର୍ବ ବର୍ଷ ପରି ମହାସମାରୋହରେ ଓ ସୁରୁଖୁରୁରେ ଆୟୋଜନ କରାଯାଇପାରିବ ସେଥିପାଇଁ ସମସ୍ତ ସକ୍ରିୟ ସହଯୋଗ କାମାନକ୍ଷ କରିଥିଲେ। ଏହାପରେ ତହସିଲଦାର, ରାୟଗଡ ପୂର୍ବ ବର୍ଷମାନଙ୍କର ଆୟୋବ୍ୟୟ



ଉପସ୍ଥାପନ କରିଥିଲେ ଏବଂ ଏହି ବିଷୟରେ ଆଲୋଚନା କରି ଚଳିତବର୍ଷ ନିମନ୍ତେ ପାଣ୍ଠିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଏହାପରେ ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ପାଦନ ଉପରେ ଆଲୋଚନା କାଯାଇଥିଲା। ଏମଆଇ ଡିଭିଜନ ତରଫରୁ ପ୍ରତେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥରେ ରଂଗ କରିବେ। ପୂର୍ତ୍ତ ବିଭାଗ ରଥ ନିର୍ମାଣ ଓ ଫିଟନେସ ସାର୍ଟିଫିକେଟ ଦେବେ। ଜଗନ୍ନାଥ ମନ୍ଦିର ଭିତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ବାହାରେ ପୂର୍ତ୍ତ ବିଭାଗ ମିଳିତ ଭାବରେ ମରାମତି ଓ ରଙ୍ଗ କାର୍ଯ୍ୟ କରିବେ। ପୌରପରିଷଦ ତରଫରୁ ପରିମଳ ବ୍ୟବସ୍ଥା କରିବେ। ଟ୍ରାଫିକ, ଗାଡି ପାର୍କିଂ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା କଥା ଜିଲ୍ଲା ପୋଲିସ ବିଭାଗ କରିବ। ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ କୁହାଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆମ୍ବୁଲାନ୍ସ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ ପିଇବା ପାଣି ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଚଳିତ ରଥଯାତ୍ରାରେ ଅଧିକ ସାଜସଜ୍ଜା କରିବା ସହିତ ଆକର୍ଷଣୀୟ କରିବାକୁ ସଦସ୍ୟମାନେ ବୈଠକରେ ଦାବି କରିଥିଲେ। ଏହି ବୈଠକରେ ନଗରପାଳ ପି ମହେଶ ପଟ୍ଟନାୟକ, ଉପ ଆରୋକ୍ଷୀ ଅଧିକାରୀ, ତହସିଲଦାର ରାୟଗଡ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ, ସହକାରୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପୌର ନିର୍ବାହି ଅଧିକାରୀ, ଅତିରିକ୍ତ ତହସିଲଦାର, ଅଗ୍ନି ସମ୍ପ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ, ରାଜପୁରୋହିତ ବିରଞ୍ଚି ନାରାୟଣ ଦାଶ, ସୁନୀଲ ଚନ୍ଦ୍ର ପଣ୍ଡା, ବଚନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା ମହେନ୍ଦ୍ର ରଥ, ସଚିଦାନନ୍ଦ ଖାଡଙ୍ଗା, ସୁରେଶ ଚନ୍ଦ୍ର ପଣ୍ଡା, ବିନାୟକ କର, ପ୍ରଭାକର ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତହସିଲଦାର ରାୟଗଡ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ମଦ ବନ୍ଦ ପାଇଁ ଲକ୍ଷ୍ମୀପୁର ଓ ରାୟଗଡା ବିଧାୟକଙ୍କ ରାଲି

ରାୟଗଡା, (ଡିକେ ନ୍ୟୁଜ୍): ରବିବାର ମଦ ଓ ବିଧାୟକଙ୍କ ଉପରେ ବିଜେପିର ମିଥ୍ୟା ଆରୋପ ନେଇ କୋରାପୁଟ ସାଂସଦ ଓ କଂଗ୍ରେସ ଦଳ ପୂର୍ଣ୍ଣ ସମର୍ଥନ ପରେ ସୋମବାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଯୁବ ଇଂଜିନିୟ ବିଧାୟକ ପବିତ୍ର ସାଉଁନ୍ତା ଓ ରାୟଗଡା ବିଧାୟକ ଆପାସ୍ୱାମୀ କାଡ୍ରାକାଙ୍କ ହଜାର ହଜାର ମହିଳାଙ୍କୁ ନେଇ ଲକ୍ଷ୍ମୀପୁର ସଦର ମହକୁମା ଠାରେ ମଦ ବିରୋଧୀ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ମଦ ବିରୋଧି ମହିଳା ଶକ୍ତି ପ୍ରଦର୍ଶନରେ ମହିଳାମାନ ରେଲୱେ ଛୋକ ଠାରେ ଏକତ୍ରିତ ହୋଇ ସେଠାରୁ ହଜାର ହଜାର ମହିଳା ଓ ପୁରୁଷମାନଙ୍କୁ ସାଙ୍ଗରେ ନେଇ ଏକ ସଭାଯାତ୍ର ବାହାରି ଦେଶୀ ଓ ବିଦେଶୀ ମଦ ଏବଂ ବେନିୟମ ଚାଲୁଥିବା ମଦ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ହାତରେ ଫ୍ଲାଗ କାର୍ଡ ଓ ଦଳୀୟ ପତାକା ଧରି ନାରାବାଜି ଦେଇ ସଭା ଯାତ୍ରା କରି ଆମ୍ବେଦକର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଲକ୍ଷ୍ମୀପୁର ବିଡ଼ିଓଙ୍କ ଜରିଆରେ ଏକ ସ୍ମାରକପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖ କରାଯାଇଛି କି ବେନିୟମ ମଦ ବା ନକଲି ମଦ ସଂପୂର୍ଣ୍ଣ ବନ୍ଦ ସରକାର ଲାଇସେନ୍ସ ପ୍ରାପ୍ତ ଧାରି ନିଜେ ଦୋକାନ ନକରି ଟଙ୍କା ଲାଳସାରେ ବିହାରୀମାନଙ୍କୁ ଆଣି ଦୋକାନରେ ନକଲି ମଦ ପ୍ରସ୍ତୁତ କରି ରାସ୍ତା ଘାଟ ଏବଂ ସ୍କୁଲ କଲେଜ ଓ ମନ୍ଦିର ଚର୍ଚ୍ଚ ନିକଟରେ ମଦ ବିକ୍ରି କରାଯାଉଛି। ଏଥିରେ କେଉଁ ସ୍ତରର ଅଧିକାରୀମାନେ ସହଯୋଗରେ ଏହି ନକଲି ମଦ କାରବାର ଚାଲିଥିଲା ତାହା ତଦନ୍ତ ହେବା ଆବଶ୍ୟକ ରହିଛି ବୋଲି ବିଧାୟକ ଦାବି କରିଛନ୍ତି। ଏହି ମଦ ଦ୍ୱାରା ବିଗତ ଦିନର ମୋ ନିର୍ବାଚନ ମଣ୍ଡଳୀର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ ମଦ ମୁକ୍ତି ନାମରେ ଋଷୀ ମୂଳିଆ ଆଦିବାସୀ ସଂଘ ମୁଣ୍ଡ ଟେକି ଥିବାରୁ ରାଜ୍ୟ ସରକାର ସେହି ସମୟରେ ହାତ ଟେକି ଦେଇ ଥିଲେ ନିଜ ଆୟଉରୁ ଏହି ଦୁଇଟି ବ୍ଲକ କିଛି ବର୍ଷ ପାଇଁ ଅଣ ଆୟତ୍ତ ହୋଇଯାଇଥିଲା। ଏଥିରେ ହଜାର ହଜାର ଲୋକେ ହନ୍ତସନ୍ତ ହୋଇଥିଲେ। ତେଣୁ ଆଗକୁ ଏଭଳି ନ ହେବାକୁ ଏବଂ ମୋ ଅଞ୍ଚଳର ଜନସାଧାରଣ ମାଆ, ମାଉସୀ ଓ ଭଉଣୀମାନେ ବିଧବା ହେବାକୁ ଦେବୁନାହିଁ ବୋଲି ଆମେ ମଦ ବନ୍ଦ କରିବାକୁ ସରକାର ନିକଟରେ ଦାବି ଜଣାଉଛୁ ବୋଲି ଦୁଇ ବିଧାୟକ ଦାବି କରିଥିଲେ।

# ଫେରାର ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, (ଡିକେ ନ୍ୟୁଜ୍): ଦିଗପହଣ୍ଡି ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅଞ୍ଚଳରେ ଲୁଟ, ଡକାୟତି ଭଳି ସଙ୍ଗୀନ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ମାମଲାର ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ଜୟନାଥ ପ୍ରଧାନ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଚିକିଟି ବ୍ଲକ ବୀରମେଖପୁର ଗ୍ରାମର ସଦାନନ୍ଦ ପ୍ରଧାନ ଏବଂ କାହ୍ନା ମହାରଣା। ଏନେଇ ଥାନାରେ ମାମଲା (ନଂ.୪୩୬/୨୩ ଏବଂ ୪୩୭/୨୩) ରୁଜୁ ହୋଇଛି। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ୨୦୨୩ ଅକ୍ଟୋବର ୨୪ ତାରିଖରେ ଚନ୍ଦପୁର ଏବଂ ତେଣ୍ଟୁଆପଡ଼ା ଗ୍ରାମରେ ଘଟିଥିବା ଲୁଟ ଘଟଣାରେ ଅଭିଯୁକ୍ତ ଦ୍ୱୟ ସମ୍ପୃକ୍ତ ଥିଲେ। ଏନେଇ ଏତଲା ହେବା ପରେ ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତମାନଙ୍କ ନାଁରେ ମାମଲା ରୁଜୁ କରିଥିଲେ। ଗିରଫ ଭୟରେ ଦୁଇ ଅଭିଯୁକ୍ତ ଫେରାର ଥିଲେ। ଉଭୟେ ଗାଁକୁ ଫେରିଥିବା ଖବର ପାଇ ତଦନ୍ତକାରୀ ଅଧିକାରୀ ସଦଳ ବଳେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ପୂର୍ବରୁ ଏହି ମାମଲାରେ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୬ଜଣ ଫେରାର ଥିବା ଜଣାପଡିଛି।

# ସଞ୍ଜୁ ଡ୍ୟାନ୍ସ ସ୍କୁଲର ପ୍ରଥମ ବାର୍ଷିକ ଏବଂ ରଜ ଉତ୍ସବ ଉପଲକ୍ଷେ ନାଚ ପ୍ରତିଯୋଗିତା

ଯାଜପୁର, (ଡିକେ ନ୍ୟୁଜ୍): ସଞ୍ଜୁ ଡ୍ୟାନ୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ଜୁନ ୧୪ ତାରିଖରେ ଏକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଖୁବ କମ ବୟସରୁ ସଞ୍ଜୟ ଦାଶ ଏହି ଡ୍ୟାନ୍ସ ସ୍କୁଲ ଖୋଲିଥିଲେ ଯାହା ଆଜିକୁ ଏକବର୍ଷ ପୂରଣ ହେବାକୁ ଯାଉଛି। ସେହି ଉପଲକ୍ଷେ ନାଚ ପ୍ରତିଯୋଗିତା କରିବାକୁ ଯାଉଛି। ଏହି ପ୍ରତିଯୋଗିତା ବିଜୁ କଲ୍ୟାଣମଣ୍ଡପ, ଥାଲକୁଡ଼ି, ମଙ୍ଗରପୁର ଠାରେ ୧୪ ତାରିଖ (ଶନିବାର) ସକାଳ ୯ ଘଟିକାରେ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ସେମାନଙ୍କ ନାମ ପଞ୍ଜିକରଣ ପାଇଁ ୮୬୫୮୯୦୭୦୦୮ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଆର୍ଥିକ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସଞ୍ଜୟ ଦାଶ କହିଛନ୍ତି। ଏହି ଡ୍ୟାନ୍ସ ସ୍କୁଲ ଖୋଲି ସଞ୍ଜୟ ଅଳ୍ପ ଦିନଭିତରେ ପରିଚିତ ହୋଇପାରିଛନ୍ତି। ଏହି ସ୍କୁଲରେ ଶିଖୁଥିବା ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନକୁ ମଧ୍ୟ କାର୍ଯ୍ୟକ୍ରମ କରିବାକୁ ଯାଉଛନ୍ତି। ୧୪ ତାରିଖ ଦିନ ରଜ ପର୍ବ ଉପଲକ୍ଷେ ସେହିଦିନ ଏହି ପ୍ରତିଯୋଗିତା କରିବାକୁ ସ୍ଥିର କରାଯାଇଛି। ଇଚ୍ଛୁକ ଥିବା କଳାକାର ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଅନୁରୋଧ କରାଯାଇଛି। ଏହି ପ୍ରତିଯୋଗିତା ପାଇଁ କୌଣସି ବୟସ ପ୍ରତିବନ୍ଧକ ନାହିଁ, ଇଚ୍ଛୁକ ଥିବା ପ୍ରତିଯୋଗୀ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସେମାନଙ୍କ ନାମ ଯଥାଶୀଘ୍ର ପଞ୍ଜିକରଣ କରିବାକୁ ଅନୁରୋଧ।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ମିଳିତ ଜନ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ-ଜିଲ୍ଲାପାଳ, କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗଦେଇଥିଲେ। ଏହି ଜନ ଶୁଣାଣି ଶିବିରକୁ ମୋଟ ୧୧୨ଟି ଅଭିଯୋଗ ଆସିଥିବା ବେଳେ ତନମଧ୍ୟରୁ ୯୨ଟି ଅଭିଯୋଗ ବ୍ୟକ୍ତିଗତ, ୧୧ଟି ଅଭିଯୋଗ ସମୂହ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୪ଟି ଅଭିଯୋଗର ତୁରନ୍ତ ସମାଧାନ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବରହମପୁରାର ପ୍ରତିମା ବେହେରାଙ୍କୁ ପନ୍ଦର ହଜାର ଟଙ୍କା, ତାପଙ୍ଗର ଚରଣ ଭୋଇଙ୍କୁ ଦଶ ହଜାର ଟଙ୍କା, ଡିହ ଖଉରୁଣି, ବୋଲଗଡ ଟିକିନା ଦାସଙ୍କୁ ପନ୍ଦର ହଜାର ଓ ପଦନପୁର, ବାଣପୁରର ଛାୟା କାନ୍ତ ମହାରଣାଙ୍କୁ ଦଶ ହଜାରଟଙ୍କା, ସର୍ବମୋଟ ୪ଜଣ ଅଭିଯୋଗକାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ଗୋଳବାଇର ରାଜ କିଶୋର କୁଣ୍ଡୁଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରୁ ଆସିଥିବା ଦରଖାସ୍ତ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିରର ସୁପାରିଶ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ କରି ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ମିଳିତ ଜନ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲିପ କୁମାର ହିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ଯୋଗାଣ ଅଧିକାରୀ, ସୁଗୁଡା ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ, ସ୍ମିତା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତଥିଲେ।

# ବିଜାଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ : ୩୫ ଆହତ

ମାଲକାନଗିରି, (ହି.ସ): ମାଲକାନଗିରି -ପାଣ୍ଡ୍ରିପାଣି ୩୨୬ନମ୍ବର ଜାତୀୟ ରାଜପଥ ସ୍ଥିତ ବିଜାଘାଟି ନିକଟରେ ଆଜି ସକାଳୁ ଶ୍ରୀବାଲାଜୀ ନାମକ ଘରୋଇ ବସ୍ ର ବ୍ରେକ୍ ଫେଲ୍ ହେବା ଯୋଗୁଁ ବସଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୩୫ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ନିକଟସ୍ଥ ଗାଁ ଲୋକମାନେ ଆସି ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଆହତ ଯାତ୍ରୀମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ପାଣ୍ଡ୍ରିପାଣି ମେଡିକାଲ ପଠାଯାଇଥିବା ବେଳେ ୨୦ ଜଣ ଆହତ ଯାତ୍ରୀଙ୍କୁ ମାଲକାନଗିରି ଜିଲ୍ଲା ହସପିଟାଲରେ ଚିକିତ୍ସା ଲାଗି ଭର୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଶ୍ରୀବାଲାଜୀ ବସ୍ ଟି ହାଇଦ୍ରାବାଦରୁ ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ନେଇ କଂଟାବାଞ୍ଜି ଯାଉଥିବା ବେଳେ ଆଜି ସକାଳ ୭ଟା ସମୟରେ ମାଲକାନଗିରି ନିକଟସ୍ଥ ବିଜାଘାଟି ଉପରକୁ ବସଟି ଚଢୁଥିଲା । କିନ୍ତୁ, ଘାଟି ଚଢିବା ସମୟରେ ବସ ର ବ୍ରେକ୍ ଫେଲ୍ ହେବା ଫଳରେ ବସ୍ ଟି ୧୦୦ ମିଟର ପଛକୁ ଗଡିଯାଇ ଏକ ଗଛରେ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ବସରେ ବସିଥିବା ୩୫ ଜଣ ଯାତ୍ରୀ ଆହତ ହୋଇଥିଲେ । ନିକଟସ୍ଥ ଗାଁ ଲୋକମାନେ ବସରୁ ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲା ବେଳେ ଖବର ପାଇ ମାଲକାନଗିରି ପୋଲିସ ଏବଂ ଆରଟିଓ ପହଂଚି ଆହତ ମାନଙ୍କ ଚିକିତ୍ସା ପାଇଁ ପାଣ୍ଡ୍ରିପାଣି ଓ ମାଲକାନଗିରି ହସ୍ପିଟାଲକୁ ପଠାଇଥିଲେ। ବିଶେଷ କରି କଂଟାବାଞ୍ଜିରୁ ଏହି ଲୋକମାନେ ସପରିବାରେ ହାଇଦ୍ରାବାଦର ଇଟା ଫେକ୍ଟ୍ରିରେ କାମ କରିବାକୁ ଯାଇଥିଲେ । ଶ୍ରୀ ବାଲାଜୀ ବସରେ ଓଭର ଲୋଡ୍ ହୋଇ ଇଟା ଶ୍ରମିକ ଯାତ୍ରୀମାନେ ପିଲାଛୁଆମାନଙ୍କୁ ନେଇ ବସରେ ଫେରୁଥିବା ବେଳେ ଆଜି ସକାଳେ ଏହି ଦୁର୍ଘଟଣା ଘଟିଥିଲା । ବର୍ତମାନ କୌଣସି ଯାତ୍ରୀଙ୍କର ମୃତ୍ୟୁଘଟିନଥିବା ବେଳେ ୭ ଜଣ ଯାତ୍ରୀଙ୍କୁ ଗୁରୁତର ଆଘାତ ଲାଗିଛି । ମାଲକାନଗିରି ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମୋହନ ଦେଲେ ଭଦ୍ରକରେ...

ମଧ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା। ଆଜି ଜିଲ୍ଲା ପାଇଁ ୨୭୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରାଗଲା । ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା, କ୍ରୀଡା ଭିତିଭୂମି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି। ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏ ସବୁ ପ୍ରକଳ୍ପ ଗୁଡିକ ଉଦ୍ଦିଷ୍ଟ। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛୁ। ସମୃଦ୍ଧ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ଏ ଦିଗରେ ପ୍ରୟାସ ଆରମ୍ଭ କରିଛୁ। କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଭଦ୍ରକ ମାଟି ବୀରତ୍ୱର ମାଟି। ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି, ତାହା ଲୋକଙ୍କ ସରକାର ଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି। ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ସିମୁଳିଆ ବିଧାୟକପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି...

ଦଶନ୍ଧି ଧରି ଦୁଇ ଦେଶ ମଧ୍ୟରେ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରିଥିଲା। ଦୁଇ ଦେଶ ବାଣିଜ୍ୟ, କୃଷି, ସ୍ୱାସ୍ଥ୍ୟ, ଔଷଧ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବିକଶିତ କରିଛନ୍ତି। ପାରାଗୁଏ ଲାଟିନ୍ ଆମେରିକୀୟ କ୍ଷେତ୍ରରେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଂଶୀଦାର। ଅଟୋ-ମୋବାଇଲ୍ ଏବଂ ଔଷଧ କ୍ଷେତ୍ରରେ ଅନେକ ଭାରତୀୟ କମ୍ପାନୀ ପାରାଗୁଏରେ ଉପସ୍ଥିତ ଅଛନ୍ତି। ପାରାଗୁଏ କମ୍ପାନୀଗୁଡ଼ିକ ମଧ୍ୟ ଭାରତରେ ଉପସ୍ଥିତ ଅଛନ୍ତି, ଯାହା ଦୁଇ ରାଷ୍ଟ୍ର ମଧ୍ୟରେ ଆର୍ଥିକ ସମ୍ପର୍କରେ ଅବଦାନ ରଖିଛି। ଦୁଇ ଦେଶ ଜାତିସଂଘ ସଂସ୍କାର, ଜଳବାୟୁ ପରିବର୍ତ୍ତନ, ନବୀକରଣୀୟ ଶକ୍ତି ଏବଂ ଆତଙ୍କବାଦ ମୁକାବିଲା ସମେତ ବିଭିନ୍ନ ଆନ୍ତର୍ଜାତୀୟ ପ୍ରସଙ୍ଗରେ ସମାନ ମତ ରଖିଛନ୍ତି।

### ସିକ୍କିମରେ ମିଲିଟାରୀ...

ସୂଚନା ଦେଇଛନ୍ତି ଯେ ରବିବାର ସନ୍ଧ୍ୟା ୭ଟା ସମୟରେ ଲାଚେନ ସହର ନିକଟରେ ପ୍ରବଳ ବର୍ଷା ଯୋଗୁଁ ଏକ ଭୟଙ୍କର ଭୂସ୍ଖଳନ ହୋଇଥିଲା। ଏଥିରେ ତିନି ଜଣ ସୈନିକ ସହିଦ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟ ଚାରି ଜଣ ସୈନିକ ସାମାନ୍ୟ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏହା ବ୍ୟତୀତ, ୬ ଜଣ ସୈନିକ ଏବେ ବି ନିଖୋଜ ଅଛନ୍ତି। ପ୍ରତିରକ୍ଷା ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ସିକିମରେ ଭୂସ୍ଖଳନରେ ସହିଦ ହୋଇଥିବା ସେନା କର୍ମଚାରୀମାନଙ୍କୁ ହାବିଲଦାର ଲଖବିନ୍ଦର ସିଂହ, ଲାନ୍ସ ନାୟକ ମନୀଷ ଠାକୁର ଏବଂ ପୋର୍ଟର ଅଭିଷେକ ଲଖଡା ଭାବରେ ଚିହ୍ନଟ କରାଯାଇଛି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉଦ୍ଧାର ଦଳ ଅନ୍ୟ ୬ ନିଖୋଜ ସୈନିକଙ୍କ ପାଇଁ ସନ୍ଧାନ ଅଭିଯାନ ଚଳାଇଛନ୍ତି।

### ପ୍ରଥମଥର ପାଇଁ ଜି-୭...

ବୈଦେଶିକ ମନ୍ତ୍ରଣାଳୟ ଦୁଇ ଥର କହି ସାରିଛି ଯେ ଜି-୭ ବୈଠକ ପାଇଁ ପ୍ରଧାନମନ୍ତ୍ରୀ କାନାଡା ଗସ୍ତ କରିବାର କୌଣସି ସୂଚନା ଏଯାଏ ଆସି ନାହିଁ। ତେବେ କାନାଡାର ବୈଦେଶିକ ମନ୍ତ୍ରୀ ଅଙ୍କିତା ଆନନ୍ଦ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି ଯେ ଦେଶର ନୂଆ ମାର୍କ କାର୍ଣ୍ଣେୟ ସରକାର ଭାରତ ସହ ଭଲ ବନ୍ଧୁତା ସ୍ଥାପନ କରିବାକୁ ଆଗ୍ରହୀ ରହିଛନ୍ତି। ଏଥିସହ କାନାଡା ମାଟିରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜାରର ହତ୍ୟାକୁ ନେଇ ଭାରତ ସହ ଥିବା ସମ୍ପର୍କରେ ତିକ୍ତତା ଆସିଥିବା ସେ ସ୍ୱୀକାର କରିଛନ୍ତି। ନିଜାର ହତ୍ୟାକାଣ୍ଡରେ ଭାରତ ସରକାର ସାମିଲ ଥିବା କାନାଡାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଥିଲା।

### ଯୁକ୍ତ୩ ନାମଲେଖା...

ପୂର୍ବରୁ ସିଏଏଫ୍ ଦାଖଲ କରିଛନ୍ତି, ସେମାନେ ଅବଧି ମଧ୍ୟରେ ସିଏଏଫରେ ସଂଶୋଧନ କରିପାରିବେ। ଯେଉଁ ଆବେଦନକାରୀ ସିଏଏଫରେ 'ଆପିଅରଡ୍' ଅପସନ୍ ଦେଇଥିବେ ସେମାନେ ଧାର୍ଯ୍ୟ ସମୟ ମଧ୍ୟରେ ଯୁକ୍ତ୨ କିମ୍ବା ସମତୁଲ ବୋର୍ଡର ମାର୍କ ଦାଖଲ କରିପାରିବେ। ସିଏଚ୍‌ଏସ୍‌ଇ ଛାତ୍ରଛାତ୍ରୀଙ୍କ ପାଇଁ ସିଏଚ୍‌ଏସ୍‌ଇ ଡାଟାବେସରୁ ସିଧାସଳଖ ମାର୍କ ଉପଲବ୍ଧ ହେବ। ଆବେଦନକାରୀମାନେ ଧାର୍ଯ୍ୟ ସମୟ ମଧ୍ୟରେ ଏକାଧିକ ଥର ସଂଶୋଧନ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଆବେଦନ ସମୟରେ ପିଲାମାନେ ଗୋଟିଏ ମେଜର ସହ ଦୁଇଟି ମାଇନର୍, ଦୁଇଟି ମେଜର କିମ୍ବା ୩ଟି ମାଇନର୍ ପାଠ୍ୟକ୍ରମକୁ ଚୟନ କରିପାରିବେ।

### କରୋନା ଆକ୍ରାନ୍ତଙ୍କ ସଂଖ୍ୟା...

କାରଣ ନାହିଁ। ଆଇସିଏମଆର ମହା ନିର୍ଦ୍ଦେଶକ ଡାକ୍ତର ରାଜୀବ ବାହଲ କହିଛନ୍ତି ଯେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରାନ୍ତରୁ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତଙ୍କ ନମୁନାର ଜେନୋମ ସିକ୍ୱେନ୍ସିଂ କରାଯାଇଥିଲା। ସଂକ୍ରମଣ ବୃଦ୍ଧି ପଛରେ ଓମିକ୍ରାନର ସବ ଭାରିଏଣ୍ଟ ରହିଥିବା ପରୀକ୍ଷାର ସ୍ପଷ୍ଟ ହୋଇଛି। କିନ୍ତୁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁ ନଥିବା ସେ କହିଛନ୍ତି। ଓମିକ୍ରାନର ୪ଟି ସବ ଭାରିଏଣ୍ଟ- ଏଲଏଫ.୭, ଏକ୍ସଏଫଜି, ଜେଏନ.୧ ଓ ଏନବି.୧.୮.୧ ବର୍ତ୍ତମାନ ସୁଦ୍ଧା ଦେଶରୁ ଠାବ ହୋଇଛି। ଏହି ସବ ଭାରିଏଣ୍ଟ ସଂକ୍ରମଣ ବୃଦ୍ଧି କରୁଛି।

# ଜାତୀୟ କର୍କଟ ବିଜେତା ଦିବସ ପାଳିତ

ବରଗଡ, (ଡିକେ ନ୍ୟୁଜ୍): ଜାତୀୟ କର୍କଟ ବିଜେତା ଦିବସ ଅବସରରେ ବରଗଡ ଜିଲ୍ଲାରେ ଏକ ସାକାରାତ୍ମକ ଓ ପ୍ରେରଣାଦାୟୀ ପଦକ୍ଷେପ ଗ୍ରହଣ କରାଯାଇଛି ଭିନ୍ନ ଏକ ଜୀବନ କାର୍ଯ୍ୟକ୍ରମ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନେ ମିଶି ଏହି ଦିନଟିକୁ ଏମିତି ଏକ ଉତ୍ସବ ଭାବରେ ପାଳିଲେ, ଯାହା କ୍ୟାନ୍ସର ସର୍ଭାଇବର୍ସ ଓ ତାଙ୍କ ପରିବାର ପାଇଁ ଆଶା, ଭଲପାଇବା ଓ ମନୋବଳର ସନ୍ଦେଶ ନେଇ ଆସିଛି। ଏହି କାର୍ଯ୍ୟକ୍ରମର ବିଶେଷତା ହେଉଛି ଅନେକ ସଂଗଠନ ଓ ସମାଜସେବୀମାନେ ଏକତ୍ରିତ ହୋଇ ବହୁ କ୍ୟାନ୍ସର ବିଜେତାଙ୍କ ଘରକୁ ପହଞ୍ଚି ସେମାନଙ୍କୁ ଓ ତାଙ୍କର ପରିବାରକୁ ଏହି ବିଜୟ ଦିବସ ଅବସରରେ ସମ୍ମାନିତ କରିବା ସହିତ ମିଷ୍ଟାନ୍ନ ଦେଇଥିଲେ। ଏଥିପାଇଁ ପରିବାର ଲୋକଙ୍କ ମନୋବଳ ବଢିଥିବା ସହିତ ଏକ ନୂଆ ଆଶା ଜନ୍ମ ନେଇଛି। ଏହି ଭିନ୍ନ ଏକ ଜୀବନ ଅଭିଯାନରେ ଭୁବନେଶ୍ୱରରେ ରହୁଥିବା ବରଗଡ ଅଧିବାସୀମାନଙ୍କ ଦ୍ୱାରା ଗଠିତ ବରଗଡିଆ ଭୁବନେଶ୍ୱର, ବରଗଡ ଫାଇଟର୍ସ ଗ୍ରୁପ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ସଂଘମିତ୍ରା ଗ୍ରୁପ,




ଜିଲ୍ଲା ସମାଜସେବୀ ସଂଗଠନ, ପରିବର୍ତ୍ତନ ଟ୍ରଷ୍ଟ, ସୋହେଲାର ଜୀବନ ଜ୍ୟୋତି ଅନୁଷ୍ଠାନଙ୍କ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବ୍ଲକର ଅନେକ ସଂସ୍ଥା ତଥା ବ୍ୟକ୍ତି ବିଶେଷ ସାମିଲ ହୋଇ ଥିଲେ। ଏହାଦ୍ୱାରା ଏକ ମଜବୁତ ମାନବୀୟ ଶୃଙ୍ଖଳା ଗଠିତ ହୋଇଛି ଯେଉଁଥିରେ କ୍ୟାନ୍ସର ପୀଡିତମାନେ ଏକା ନୁହଁନ୍ତି - ସମାଜ ସେମାନଙ୍କ ପାଖରେ ଅଛି ବାର୍ତ୍ତା ପହଞ୍ଚି ପାରିଛି। ସମ୍ବଲପୁରରେ ଆୟୋଜିତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ କନସେପ୍ସନ ୨୦୨୫ରେ ଜାତୀୟ କର୍କଟ ବିଜେତା ଦିବସ ଉପଲକ୍ଷେ ବରଗଡ ଫାଇଟର୍ସ ଗ୍ରୁପର ସଦସ୍ୟ ପୁଷ୍ପାଞ୍ଜଳି ବେହେରା, କୁଶଦେବ ସାହୁ ଓ ଶିଶୁ ସର୍ଭାଇଭର୍ କ୍ଷେତ୍ର ମଣି ମେଣ୍ଡାଳିଙ୍କୁ ବିଶେଷ ବିଜେତା ଭାବରେ ସମ୍ମାନିତ କରାଯାଇଥିଲା, ଏହା ଅନେକଙ୍କ ପାଇଁ ପ୍ରେରଣା ଦେଇଛି। ସେହିପରି ବରଗଡ ସହର ସରକାରୀ ହସ୍ପିଟାଲକୁ ବିଭିନ୍ନ ରୋଗରେ ପୀଡିତ ହୋଇ ଆସୁଥିବା ରୋଗୀମାନଙ୍କ ସହାୟକଙ୍କୁ ଦୁଇବର୍ଷ ହେଲା ପ୍ରତ୍ୟେକ ରବିବାର ମାଗଣା ଖାଦ୍ୟ ଦେଇ ଆସୁଥିବା ଜିଲ୍ଲା ସମାଜସେବୀ ସଂଗଠନ ଆଜି ଫାଇଟର୍ସ ଗ୍ରୁପକୁ ସମ୍ମାନୀତ କରିଛନ୍ତି। ଭିନ୍ନ ଏକ ଜୀବନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଣେ ମଣିଷ କେନସରରେ ପିଡୀତ ହେଲାପରେ ସେ ଓ ତା ପରିବାର ସଂପୂର୍ଣ୍ଣ ରୂପେ ଭାଙ୍ଗି ପଡିଥାନ୍ତି। କିଛି ଦିନ ବା ମାସ ତାଙ୍କର ସଂପର୍କୀୟମାନେ ତାଙ୍କ ସହିତ ରହିବା ପରେ ଧିରେ ଧିରେ ନିଜର ବ୍ୟକ୍ତିଗତ କାରଣ ତାଙ୍କଠୁ ଦୂରେଇ ଯାଇଥାନ୍ତି। ସେ ସମୟରେ ପୀଡିତ ଓ ପରିବାର ନିଜକୁ ବହୁ ଏକାକୀ ଓ ଅସହାୟ ମନେ କରି ମାନସିକ ସ୍ତରରେ ଭାଙ୍ଗି ପଡ଼ିଥାନ୍ତି ଏଭଳି ସମୟରେ ପୀଡିତ ମାନସିକ ସ୍ଥିତି ବହୁ ଦୁର୍ବଳ ହୋଇପଡେ। ସେତେବେଳେ ତାର ମନୋବଳ ବୃଦ୍ଧି କରିବା ନିହାତି ଜରୁରୀ ହୋଇପଡେ। ତେଣୁ ଏହି କାର୍ଯ୍ୟକ୍ରମରେ ମାଧ୍ୟମରେ ଏଥିରେ ସାମିଲ ହୋଇଥିବା ସାମାଜିକ ସଂଗଠନମାନେ କ୍ୟାନ୍ସର ପୀଡିତ ଓ ତାଙ୍କ ପରିବାରକୁ ସୂଚାଇ ଦେବାକୁ ଚାହିଁଛନ୍ତି ଯେ, ସେମାନଙ୍କ ଏଭଳି ସମୟରେ ସେମାନେ ତାଙ୍କ ସହିତ ରହିଛନ୍ତି। ଜୀବନଟିକୁ ସଂପୂର୍ଣ୍ଣ ଆନନ୍ଦ ଖୁସିରେ ରଖିବାକୁ ଅନୁରୋଧ କରିଛନ୍ତି। ଏହି ଅଭିଯାନର ବାର୍ତ୍ତା ହେଉଛି କ୍ୟାନ୍ସର ହେଲେ ଜୀବନ ଶେଷ ନୁହଁ। ଏହା ଆଉ ଏକ ନୂଆ ଆରମ୍ଭ। ଏହି କାର୍ଯ୍ୟକ୍ରମ କେବଳ ବରଗଡ ଓ ସମ୍ପୂର୍ଣ୍ଣ ଓଡ଼ିଶାର କ୍ୟାନ୍ସର ପରିବାର ପାଇଁ ଏକ ଆଶାର ନୂଆ ଆଲୋକ ଜଳେଇ ପାରିଛି।

# ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ: ୱାର୍ଲ୍ଡ ନଂ ୧ ଖେଳାଳିଙ୍କୁ ହରାଇଲେ ଡି ଗୁକେଶ

ନୂଆଦିଲ୍ଲୀ, ୨।୬ (ହି.ସ): ବିଶ୍ୱ ଚେସ୍ ଚାମ୍ପିଅନ ଡୋମାରାଜୁ ଗୁକେଶ ନରୱେ ଚେସ୍ ୨୦୨୫ ଟୁର୍ଣ୍ଣାମେଣ୍ଟର ଷଷ୍ଠ ରାଉଣ୍ଡରେ ପୂର୍ବତନ ବିଶ୍ୱ ନମ୍ବର ୱାନ୍ ମାଗନସ୍ କାର୍ଲସେନଙ୍କ ବିପକ୍ଷରେ ଏକ ଚମତ୍କାର ବିଜୟ ହାସଲ କରିଛନ୍ତି। ତାଙ୍କ କ୍ୟାରିୟରରେ ପ୍ରଥମ ଥର ପାଇଁ କ୍ଲାସିକାଲ ଟାଇମ୍ କଣ୍ଟ୍ରୋଲରେ ମ୍ୟାଗ୍ନସ୍‌ଙ୍କୁ ପରାସ୍ତ କରିଥିଲେ ଗୁକେଶ। ସଫେଦ୍ ମୋହର୍ ବା ହ୍ୱାଇଟ୍ ପନ୍ସ ଅର୍ଥାତ ଧଳା ଗୋଟି ସହିତ ଖେଳି, ଯୁବ ଭାରତୀୟ ଖେଳାଳି ଚାପ ଭିତରେ ମଧ୍ୟ ଖେଳ ଉପରେ ନିଜର କବଜା ବଜାୟ ରଖିଥିଲେ ଏବଂ ଶେଷ ରାଉଣ୍ଡରେ ୩୪ ବର୍ଷୀୟ ନରୱେଜିଆନ୍ ଗ୍ରାଣ୍ଡମାଷ୍ଟରଙ୍କ ଏକ ବିରଳ ଭୁଲର ସୁଯୋଗ ନେଇ ଏହାକୁ ଏକ ସ୍ମରଣୀୟ ବିଜୟରେ ପରିଣତ କରିଥିଲେ। ଷ୍ଟାଭେଞ୍ଜରରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା କାର୍ଲସେନ ଖେଳର ଅଧିକାଂଶ ସମୟ ପାଇଁ ଡି ଗୁକେଶଙ୍କ ବିପକ୍ଷରେ ଅପର ହ୍ୟାଣ୍ଡ ବଜାୟ ରଖିଥିଲେ ଏବଂ ଏକ ଭଲ ସ୍ଥିତିରେ ଥିବା ଭଳି ଦେଖାଯାଉଥିଲେ। କିନ୍ତୁ ଗୁକେଶ ଅନୁଶାସନ ଏବଂ ଧର୍ଯ୍ୟର ସହିତ କାର୍ଲସେନଙ୍କ ପ୍ରତ୍ୟେକ ପଦକ୍ଷେପର ଜବାବ ଦେଇଥିଲେ ଏବଂ ତା'ପରେ ଏକ ସଠିକ୍ ପ୍ରତିଆକ୍ରମଣ ସହିତ ଖେଳର ଗତି ବଦଳାଇଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ




ସମୟ ନିୟନ୍ତ୍ରଣ ଅର୍ଥାତ ଟାଇମ୍ କଣ୍ଟ୍ରୋଲର ନିୟମ ଲାଗୁ ହୋଇଥାଏ, ଯାହାର ଅର୍ଥ ହେଉଛି ଅଧିକ ସମୟ ନ ନେଇ ଶୀଘ୍ର ଚାଲ୍ ଚଳାଇବାକୁ ପଡ଼ିବ। ଟୁର୍ଣ୍ଣାମେଣ୍ଟର ଏହି ନିୟମ ଯୋଗୁଁ କାର୍ଲସେନ ଅସ୍ତବ୍ୟସ୍ତ ହେଉଥିଲେ ଏବଂ ଗୁକେଶ ତାଙ୍କର ଏହି ଦୁର୍ବଳତାର ସୁଯୋଗ ନେଇ ଖେଳର ଶେଷ ରାଉଣ୍ଡରେ ତାଙ୍କୁ ପରାସ୍ତ କରିଥିଲେ। ଗୁକେଶ ଏହି ବିଜୟରେ ବହୁତ ଖୁସି ଦେଖାଯାଉଥିଲେ। ପ୍ଲେଇଂ ଏରିନା ଲବିରେ, ସେ ତାଙ୍କର ଦୀର୍ଘକାଳୀନ ପୋଲିଶ୍ ପ୍ରଶିକ୍ଷକ ଗ୍ରେଜୋର୍ଜ ଗାଜେୱସ୍କିଙ୍କୁ ଏକ ହାଇ ପଞ୍ଚ ସହିତ ସ୍ୱାଗତ କରିଥିଲେ। ଏହା ଗୁକେଶଙ୍କ ପାଇଁ ଏକ ପ୍ରତ୍ୟାବର୍ତ୍ତନ ବିଜୟ ଥିଲା, ଯିଏକି ନରୱେ ଚେସର ପ୍ରଥମ ରାଉଣ୍ଡରେ କଳା ଗୋଟିରେ ଖେଳି ମ୍ୟାଗ୍ନସ୍ କାର୍ଲସନ୍‌ଙ୍କ ଠାରୁ ହାରିଯାଇଥିଲେ। ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟରେ କ୍ଲାସିକ୍ ଫର୍ମାଟରେ ଦୁଇ ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ଥର ଘଟୁଛି ଯେ, ଜଣେ ଯୁବ ଭାରତୀୟ ଖେଳାଳି କାର୍ଲସେନଙ୍କୁ ପରାସ୍ତ କରିଛନ୍ତି। ଗତ ବର୍ଷ, ଆର. ପ୍ରଜ୍ଞାନନ୍ଦା ତାଙ୍କୁ ସମାନ ଟୁର୍ଣ୍ଣାମେଣ୍ଟରେ ପରାସ୍ତ କରିଥିଲେ। ଏହି ବର୍ଷ, ବିଶ୍ୱ ଚାମ୍ପିଅନ ଡି. ଗୁକେଶ କାର୍ଲସେନଙ୍କୁ ପରାସ୍ତ କରିଛନ୍ତି। କାର୍ଲସନ ଅଧିକାଂଶ ଖେଳ ପାଇଁ ଅଧିକାଂଶ ସମୟ ନିୟନ୍ତ୍ରଣରେ ଥିବା ପରି ମନେ ହେଉଥିଲା, କିନ୍ତୁ ଷ୍ଟାଭେଞ୍ଜରରେ ଅପ୍ରତ୍ୟାଶିତ ପାଗ ପରି, ଆଖି ପିଛୁଳାକେ ସବୁକିଛି ବଦଳିଗଲା। ହଙ୍ଗେରିଆନ ବଂଶୋଦ୍ଭବ ମହାନ ଆମେରିକୀୟ ଚେସ୍ ଖେଳାଳି ସୁସାନ ପୋଲଗାର ଗୁକେଶଙ୍କ ହାତରେ କାର୍ଲସେନଙ୍କ ପରାଜୟକୁ ତାଙ୍କ କ୍ୟାରିୟରର ସବୁଠାରୁ ଯନ୍ତ୍ରଣାଦାୟକ ପରାଜୟ ବୋଲି କହିଥିଲେ। ସେ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, 'କାର୍ଲସେନ କ୍ୱଚିତ କ୍ଲାସିକାଲ ଚେସ୍ ଫର୍ମାଟରେ ହାରିଥାନ୍ତି, ଏବଂ ସେ କ୍ୱଚିତ ବଡ଼ ଭୁଲ କରନ୍ତି। ନରୱେରେ ଗୁକେଶଙ୍କ ବିପକ୍ଷରେ ଷଷ୍ଠ ରାଉଣ୍ଡରେ, ସେ କଳା ଗୋଟି ସହିତ ବହୁତ ଭଲ ଖେଳୁଥିଲେ। ଘଣ୍ଟାରେ ଅଧିକ ସମୟ ଥିବାରୁ ସେ ଜିତିବା ସ୍ଥିତିରେ ଥିଲେ। କିନ୍ତୁ ଗୁକେଶ ହାର ମାନି ନଥିଲେ। ସେ ଲଢ଼ି ଚାଲିଥିଲେ ଏବଂ କାର୍ଲସେନଙ୍କ ବାଜି ଧିରେ ଧିରେ ଶେଷ ହୋଇଗଲା। ତା'ପରେ ଯେତେବେଳେ ଉଭୟ ସମୟ ଚାପରେ ଥିଲେ, କାର୍ଲସେନ ଏକ ବଡ଼ ଭୁଲ କରିଥିଲେ, ହେଉଁଥିପାଇଁ ତାଙ୍କୁ ହାରିବାକୁ ପଡ଼ିଥିଲା। ଏହା ତାଙ୍କ ଚମତ୍କାର କ୍ୟାରିୟରର ସବୁଠାରୁ ଯନ୍ତ୍ରଣାଦାୟକ ପରାଜୟ ମଧ୍ୟରୁ ଗୋଟିଏ।'

## ବିସିସିଆଇର ଅନ୍ତରୀଣ ଅଧକ୍ଷ ହେବେ ରାଜୀବ ଶୁକ୍ଳା



ନୂଆଦିଲ୍ଲୀ, ୨।୬ (ହି.ସ): ଆସନ୍ତା ମାସ ବିସିସିଆଇକୁ ମିଳିବ ନୂତନ ଅଧକ୍ଷ। ବର୍ତ୍ତମାନର ଅଧକ୍ଷ ରୋଜର ବିନ୍ନିଙ୍କ ଶେଷ ହେବାକୁ ଯାଉଛି କାର୍ଯ୍ୟକାଳ। ତାଙ୍କ ସ୍ଥାନରେ ବିସିସିଆଇର ଅଧକ୍ଷ ହେବେ ରାଜୀବ ଶୁକ୍ଳା। ସେ ୩ ମାସ ପାଇଁ ଅନ୍ତରୀଣ ଅଧକ୍ଷ ଭାବରେ ନିଯୁକ୍ତ ହେବେ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ କ୍ରିକେଟ କନଟ୍ରୋଲ ବୋର୍ଡ ବା ବିସିସିଆଇକୁ ମିଳିବେ ନୂଆ ବସ୍। ବର୍ତ୍ତମାନର ଅଧକ୍ଷ ରୋଜର ବିନ୍ନିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତାଙ୍କ ସ୍ଥାନ ଦାୟିତ୍ୱ ଗ୍ରହଣ କରିବେ ରାଜୀବ ଶୁକ୍ଳା। ୭୦ ବର୍ଷୀୟ ବିନ୍ନି ୧୯ ଜୁଲାଇରେ ଅବସର ଗ୍ରହଣ କରିବେ। ସେ ଯିବା ପରେ ଶୁକ୍ଳାଙ୍କ ହାତରେ ରହିବ ବୋର୍ଡର ନିୟନ୍ତ୍ରଣ। ତେବେ ସେପ୍ଟେମ୍ବରରେ ବିସିସିଆଇର ବାର୍ଷିକ ସାଧାରଣ ବୈଠକ ହେବ। ସେତେବେଳେ ଶୁକ୍ଳାଙ୍କୁ ୬୬ ବର୍ଷ ହୋଇଯାଇଥିବ। ଏହି ସମୟରେ ସେ ପୂର୍ଣ୍ଣକାଳୀନ ଅଧକ୍ଷ ନିର୍ବାଚନ ଲଢି ପାରନ୍ତି। ବିନ୍ନି ଅକ୍ଟୋବର ୨୦୨୨ରେ ବିସିସିଆଇର ମୁଖ୍ୟ ହୋଇଥିଲେ। ସେ ପୂର୍ବତନ କ୍ୟାପଟେନ୍ ସୌରଭ ଗାଙ୍ଗୁଲିଙ୍କ ସ୍ଥାନ ଗ୍ରହଣ କରିଥିଲେ। ୧୯ ଜୁଲାଇରେ ବିନ୍ନିଙ୍କୁ ୭୦ ବର୍ଷ ହେଉଛି। ଏହି ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେଉଛି। ଜଷ୍ଟିସ୍ ଲୋଧା କମିଟିର ସୁପାରିଶରେ ସର୍ବୋଚ୍ଚ ନ୍ୟାୟଳର ରାୟ ଅନୁସାରେ, ବିସିସିଆଷର କୌଣସି ପଦାଧିକାରୀ ୭୦ ବର୍ଷରୁ ଅଧିକ ବୟସର ହୋଇଥିଲେ ରହିପାରିବେନି। ତେଣୁ ବିସିସିଆଇକୁ ନୂଆ ଅଧକ୍ଷ ଚୟନ କରିବାକୁ ହେବ। ରାଜୀବ ଶୁକ୍ଳା ବର୍ତ୍ତମାନ ବିସିସିଆଇର ଉପାଧକ୍ଷ ଅଛନ୍ତି। ସେ ୨୦୨୦ରୁ ଏହି ପଦରେ ଅଛନ୍ତି। ପରମ୍ପରା ଅନୁସାରେ, ଏଭଳି ସ୍ଥିତିରେ ବିସିସିଆଇର ସବୁଠାରୁ ବରିଷ୍ଠ ପଦାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥାଏ। ତେଣୁ ଶୁକ୍ଳା ସେପ୍ଟେମ୍ବର ପର୍ଯ୍ୟନ୍ତ ଆଗାମୀ ନିର୍ବାଚନ ହେବା ପର୍ଯ୍ୟନ୍ତ ଏହି ପଦରେ ରହିବେ।

## ବିରାଟ କୋହଲିଙ୍କ ରେଷ୍ଟୁରାଣ୍ଟ ବିରୋଧରେ ମାମଲା ରୁଜୁ

ବେଙ୍ଗାଲୁରୁ, ୨।୫ (ହି.ସ): ବେଙ୍ଗାଲୁରୁ ପୋଲିସ କ୍ରିକେଟର ବିରାଟ କୋହଲିଙ୍କ ପବ-ରେଷ୍ଟୁରାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କୋହଲିଙ୍କ ୱାନ୍ ୮ କମ୍ୟୁନ୍ ପବ ଏବଂ ରେଷ୍ଟୁରାଣ୍ଟ ବିରୋଧରେ ନୋ ସ୍ମୋକିଂ ଜୋନ ନ ଥିବା ପାଇଁ ପୋଲିସ ଏକ ମାମଲା ରୁଜୁ କରିଛି। ତଥାପି, ଏହି ମାମଲାରେ କ୍ରିକେଟର କିମ୍ବା ରେଷ୍ଟୁରାଣ୍ଟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇ ନାହିଁ। ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ, ବେଙ୍ଗାଲୁରୁର କ୍ୟୁବନ ପାର୍କ ପୋଲିସ ବିରାଟ କୋହଲିଙ୍କ ମାଲିକାନାରେ ଥିବା ୱାନ୍ ୮ କମ୍ୟୁନ୍ ପବ ଏବଂ ରେଷ୍ଟୁରାଣ୍ଟ ସମେତ ମୋଟ ୫ଟି ବାର୍ ଏବଂ ରେଷ୍ଟୁରାଣ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ଜାଣିପାରିଛି ଯେ, ଏହି ପବରେ ନୋ ଧୂମପାନ ଜୋନ ନାହିଁ, ତେଣୁ ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଆଇନର ବ୍ୟବସ୍ଥା ଉଲ୍ଲଂଘନ କରିବା ପାଇଁ ନିଜେ ଏକ ମାମଲା ରୁଜୁ କରାଯାଇଛି।




କୋହଲିଙ୍କ ପବ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହା ପ୍ରଥମ ଥର ନୁହେଁ। ଗତ ବର୍ଷ ଜୁଲାଇରେ, ୱାନ୍ ୮ କମ୍ୟୁନ୍ ଏବଂ ରେଷ୍ଟୁରାଣ୍ଟ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା। ଜୁଲାଇ ୨୦୨୪ରେ, ବନ୍ଦ ସମୟର ନିୟମ ଉଲ୍ଲଂଘନ କରିବା ପାଇଁ ୱାନ୍ ୮ କମ୍ୟୁନ୍ ପବ ପରିଚାଳକଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଥିଲା। ପାଟ୍ରୋଲିଂ ପୋଲିସ ଦଳକୁ ଏକ ଅଭିଯୋଗ ମିଳିଥିଲା, ୱାନ୍ ୮ କମ୍ୟୁନ୍ ପବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ଥିଲା। ପୋଲିସ ଦଳ ରାତି ୧.୨୦ରେ ପବରେ ପହଞ୍ଚିଲା, ସେବେ ଜଣାପଡିଲା ଯେ, ସେହି ସମୟରେ ମଧ୍ୟ ପବ ଗ୍ରାହକମାନଙ୍କୁ ସେବା ଯୋଗାଇ ଦେଉଥିଲା, ଯାହା ଆଧାରରେ ଏକ ଏଫଆଇଆର ରୁଜୁ କରାଯାଇଥିଲା। ବିରାଟ କୋହଲି ୱାନ୍ ୮ କମ୍ୟୁନ୍‌ର ମାଲିକ। ଏହାର ଦିଲ୍ଲୀ, ମୁମ୍ବାଇ, ପୁଣେ, ବେଙ୍ଗାଲୁରୁ, କୋଲକାତା, ଗୁରୁଗ୍ରାମ ଭଳି ସହରରେ ଶାଖା ଅଛି। ଏହି ରେଷ୍ଟୁରାଣ୍ଟ ଡିସେମ୍ବର ୨୦୨୩ରେ ବେଙ୍ଗାଲୁରୁରେ ଖୋଲାଯାଇଥିଲା।

## ଫ୍ରେଞ୍ଚ ଓପନ: କ୍ୱାର୍ଟରରେ ସ୍ୱିଟେକ, ସାବାଲେଙ୍କା ଓ ପୁରୁଷ ବର୍ଗ କ୍ୱାର୍ଟରରେ ଅଲଖାରାଜ, ପଲ୍

ପ୍ୟାରିସ୍, ୨।୬ (ହି.ସ): ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମର ଅଷ୍ଟମ ଦିବସରେ ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ପ୍ରମୁଖ ଖେଳାଳିମାନଙ୍କ ବିଜୟ ଜାରି ରହିଛି। ମହିଳା ବର୍ଗରେ ଡିଫେଣ୍ଡିଂ ଚାମ୍ପିଅନ୍ ଇଗା ସ୍ୱିଟେକ, ବିଶ୍ୱର ଏକ ନମ୍ବର ଖେଳାଳି ଅର୍ନ୍ୟା ସାବାଲେଙ୍କା, ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ଏବଂ ପୁରୁଷ ବର୍ଗରେ ଦ୍ୱିତୀୟ ସିଡ୍ କାର୍ଲୋସ ଅଲ୍‌କାରାଜ, ଆମେରିକାର ଟମି ପଲ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ସିଡ୍ ଇଟାଲୀର ଯସ୍ମିନ ପାଓଲିନି ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ: ପ୍ରି-କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ୍ ପୋଲାଣ୍ଡର ସ୍ୱିଟେକ ୧-୬, ୬-୩, ୭-୫ ସେଟରେ ୧୨ତମ ସିଡ୍ କାଜାଖସ୍ତାନର ଏଲେନା ରିବାକିନାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୨ଘଣ୍ଟା ୩୨ମିନିଟ୍ ଲାଗିଥିଲା। ଟପ୍ ସିଡ୍ ବେଲାରୁଷର ସାବାଲେଙ୍କା ସିଧାସଳଖ ୭-୫, ୬-୩ରେ



ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଥିଲେ। ସେ ଦେଢ ଘଣ୍ଟା ମଧ୍ୟରେ ବିଜୟ ହାସଲ କରିଥିଲେ। ଅନ୍ୟ ମ୍ୟାଚରେ ଚୀନର ଝେଙ୍ଗ ଅଢେଇ ଘଣ୍ଟାର ସଂଘର୍ଷ ପରେ ଲ୍ୟୁଡମିଲା ସାମସୋନୋଭାଙ୍କୁ ୭-୬ (୭-୫), ୧-୬, ୬-୩ରେ ହରାଇଥିଲେ। ୟୁକ୍ରେନର ସ୍ୱିତୋଲିନା ବିପର୍ଯ୍ୟୟ ଘଟାଇଥିଲେ। ସେ ୪-୬, ୭-୬ (୮-୬), ୬-୧ରେ ଚତୁର୍ଥ ସିଡ୍ ପାଓଲିନିକୁ ପରାଜିତ କରିଥିଲେ। ପୁରୁଷ ସିଙ୍ଗଲ୍ସ: ପ୍ରି-କ୍ୱାର୍ଟର ମୁକାବିଲାରେ ସ୍ପେନ ତାରକା ଅଲକାରାଜ ୭-୬ (୧୦-୮), ୬-୩, ୪-୬, ୬-୪ ସେଟର ଆମେରିକାର ବେନ୍ ସେଲଟନ୍‌ଙ୍କୁ ହରାଇଥିଲେ। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୩ଘଣ୍ଟା ୨୨ମିନିଟ ଲାଗି ଯାଇଥିଲା। ଅନ୍ୟ ମ୍ୟାଚରେ ଆମେରିକାର ପଲ ୬-୩, ୬-୩, ୬-୩ ସେଟରେ ଅଷ୍ଟ୍ରେଲିଆର ଆଲେକ୍ସି ପପିରିନଙ୍କୁ ପରାସ୍ତ କରିଥିଲେ। ୧୫ତମ ସିଡ୍ ଟିଆଫଏ ୬-୩, ୬-୪, ୭-୬ (୭-୪)ରେ ଜର୍ମାନୀର ଡାନିଏଲ୍ ଅଲ୍ଟମାୟରଙ୍କୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲେ। ପୂର୍ବରୁ ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ଷଷ୍ଠ ସିଡ୍ ସର୍ବିୟାର ନୋଭାକ ଜୋକୋଭିକ ୨ଘଣ୍ଟା ୧୦ମିନିଟର ଲଢେଇରେ ଅଷ୍ଟ୍ରିୟାର ଫିଲିପ ମିସୋଲିକ୍‌ଙ୍କୁ ୬-୩, ୬-୪, ୬-୨ ସେଟରେ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ବୋପାନ୍ନା, ଭାମ୍ବ୍ରିଙ୍କ ବିଦାୟ ପୁରୁଷ ଡବଲ୍ସରେ ଭାରତର ରୋହନ ବୋପାନ୍ନା ଓ ୟୁକି ଭାମ୍ବ୍ରିଙ୍କ ଅଭିଯାନ ଶେଷ ହୋଇଛି। ପ୍ରି-କ୍ୱାର୍ଟରରେ ବୋପାନ୍ନା ଓ ଆଡାମ ପାଭଲାସେକ ଯୋଡ଼ି ୨-୬, ୬-୭ (୫-୭)ରେ ଦ୍ୱିତୀୟ ସିଡ୍ ହ୍ୟାରୀ ହେଲିଓଭାରା-ହେନେରୀ ପ୍ୟାଟେନ ଯୋଡ଼ିଙ୍କଠୁ ଏବଂ ଭାମ୍ବ୍ରି ଓ ରୋବର୍ଟ ଗଲୋୱେ ଯୋଡ଼ି ୪-୬, ୪-୬ରେ ନବମ ସିଡ୍ କ୍ରିଷ୍ଟିଆନ ହ୍ୟାରିସନ- ଇଭାନ କିଙ୍ଗଙ୍କଠୁ ହାରି ଯାଇଥିଲେ।

## 'ସର୍ଦ୍ଦାର ଜୀ ୩'ର ମୋଶନ୍ ପୋଷ୍ଟର ରିଲିଜ୍




ଉତ୍ତରପ୍ରଦେଶ, ୨।୬ (ହି.ସ): ପଞ୍ଜାବୀ ସୁପରଷ୍ଟାର ଦିଲଜିତ ଦୋସାଞ୍ଜ ନିଜର ବହୁ ପ୍ରତିକ୍ଷୀତ ଫିଲ୍ମ 'ସର୍ଦ୍ଦାର ଜୀ ୩'ର ମୋଶନ୍ ପୋଷ୍ଟର ରିଲିଜ୍ କରିଛନ୍ତି। ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏହି ପୋଷ୍ଟରକୁ ଦିଲଜିତ ସେୟାର କରିଥିବାବେଳେ ସେଥିରେ ତାଙ୍କୁ ଅନେକ ଓଢଣା ପକାଇଥିବା ମହିଳାଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। କ୍ୟାପସନରେ ସେ ଲେଖିଛନ୍ତି, ଏଥରକ ଡର, ପ୍ରେମ ଓ ହସ ତିନିଟି ଯାକର ତଡ୍କା ନେଇ ତିନି ଗୁଣା ମସ୍ତି ସହ ସର୍ଦ୍ଦାର ଜୀ ଆସୁଛି। ଫିଲ୍ମରେ ଦିଲଜିତଙ୍କ ବ୍ୟତୀତ ନୀରୁ ବାଜୱା ଓ ମାନବ ଭିଜ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଫିଲ୍ମକୁ ଅମର ହୁନ୍ଦଲ ନିର୍ଦ୍ଦେଶନା ଦେଇଛନ୍ତି। ଚଳିତମାସ ୨୭ ତାରିଖରେ ଏହା ରିଲିଜ୍ ହେବ। ଏହି ଫିଲ୍ମ ଜରିଆରେ ପାକିସ୍ତାନୀ ଅଭିନେତ୍ରୀ ହାନିୟା ଆମିର ବଲିଉଡ୍ ଡେବ୍ୟୁ କରିବାର ଚର୍ଚ୍ଚା ହେଉଥିଲା। ତେବେ ପହଲଗାମ୍ ଆକ୍ରମଣ ଓ ପରବର୍ତ୍ତୀ ଉତ୍ତେଜନା ପରେ ତାଙ୍କୁ ଫିଲ୍ମରୁ ହଟାଇ ଦିଆଯାଇଥିଲା।

## ଦିନିକିଆ କ୍ରିକେଟରୁ ଅବସର ଘୋଷଣା କଲେ ଗ୍ଲେନ୍ ମାକ୍ସୱେଲ

ନୂଆଦିଲ୍ଲୀ, ୨।୬ (ହି.ସ): ଅପ୍ରତ୍ୟାଶିତ ଢଙ୍ଗରେ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛି ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ। ଟି-୨୦ କ୍ରିକେଟ ଉପରେ ଫୋକସ କରିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ୨୦୨୬ରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବ। ଏଥିପାଇଁ ମ୍ୟାକ୍ସୱେଲ ଏବେଠାରୁ ପ୍ରସ୍ତୁତ ହେବାକୁ ଚାହୁଁଥିବା କହିଛନ୍ତି। ମ୍ୟାକ୍ସୱେଲ ଶେଷ ଥର ପାଇଁ ଦିନିକିଆ କ୍ରିକେଟ ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଖେଳିଥିଲେ। ଅଷ୍ଟ୍ରେଲିଆ ଚାମ୍ପିୟନ୍ସ ଟ୍ରଫିର ସେମି ଫାଇନାଲରୁ ବିଦାୟ ନେଇଥିଲା। ମ୍ୟାକ୍ସୱେଲ ଅଷ୍ଟ୍ରେଲିଆ ପାଇଁ ୧୪୯ଟି ଦିନିକିଆ ମ୍ୟାଚ୍ ଖେଳି ୩୯୯୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୩୩.୮୧ ରହିଥିଲା। ଏହା ମଧ୍ୟରେ ୪ଟି ଶତକ ଓ ୨୩ଟି ଅର୍ଦ୍ଧଶତକ ରହିଛି। ବିସ୍ଫୋରକ ବ୍ୟାଟିଂ



ପାଇଁ ଜଣାଶୁଣା ମ୍ୟାକ୍ସୱେଲ ଦିନିକିଆ କ୍ରିକେଟରେ ୭୭ଟି ୱିକେଟ ନେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ସମୟରେ ସେ ବ୍ୟାଟରଙ୍କୁ ମାତ ଦେବାରେ ସକ୍ଷମ ହେଉଥିଲେ। ୩୬ ବର୍ଷୀୟ ମ୍ୟାକ୍ସୱେଲ ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି ଦିନିକିଆକୁ ଅଲବିଦା କହିଛନ୍ତି। ସେ ବିଗ ବାଶ ଲିଗ ସହ ବିଶ୍ୱର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟି-୨୦ ଲିଗରେ ନଜର ଆସିବେ। ମ୍ୟାକ୍ସୱେଲ ଅଷ୍ଟ୍ରେଲିଆର ୨୦୧୫ ଓ ୨୦୨୩ ଦିନିକିଆ ବିଶ୍ୱକପ ଜିତିଥିବା ଦଳରେ ଥିଲେ। ଉଭୟ ବିଶ୍ୱକପରେ ତାଙ୍କ ବ୍ୟାଟରୁ ଜବରଦସ୍ତ ରନ ବାହାରିଥିଲା। ୨୦୨୩ ବିଶ୍ୱକପରେ ସେ ଆଫଗାନିସ୍ତାନ ବିପକ୍ଷରେ ଖେଳିଥିବା ଅପରାଜିତ ୨୦୧ ରନର ଇନିଂସ ଏବେ ବି ସମସ୍ତଙ୍କର ମନେ ଅଛି। ଆହତ ସମସ୍ୟା ସତ୍ତ୍ୱେ ସେ ୧୨୮ ବଲରେ ୨୧ଟି ଚୌକା ଓ ୧୦ଟି ଛକା ବଳରେ ଅପରାଜିତ ୨୦୧ ରନ କରିଥିଲେ। ଦିନିକିଆ କ୍ରିକେଟ ଦ୍ୱିତୀୟ ଇନିଂସ ଶତକ ହାସଲ କରିବାରେ ମ୍ୟାକ୍ସୱେଲ ବିଶ୍ୱର ପ୍ରଥମ କ୍ରିକେଟର ବନିଥିଲେ। ଉକ୍ତ ମ୍ୟାଚରେ ଅଷ୍ଟ୍ରେଲିଆ ୨୯୨ ରନର ପିଛା କରୁଥିବା ବେଳେ ୭ ୱିକେଟ ହରାଇ ୯୧ ରନ କରିଥିଲା। ଏହି ସମୟରେ ମ୍ୟାକ୍ସୱେଲ ୨୦୧ ରନର ଇନିଂସ ଖେଳି ଦଳକୁ ଅପ୍ରତ୍ୟାଶିତ ବିଜୟ ଭେଟି ଦେଇଥିଲେ। ୨୦୨୩ରେ ମ୍ୟାକ୍ସୱେଲ ନେଦରଲ୍ୟାଣ୍ଡସ ବିପକ୍ଷରେ ୪୦ ବଲରେ ଶତକ ହାସଲ କରି ବିଶ୍ୱକପରେ ଦ୍ରୁତତମ ସେଞ୍ଚୁରୀଧାରୀ ହେବାର ରେକର୍ଡ କରିଥିଲେ।

## 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ'ରେ ଚମକିଲେ ଭାରତର ଝିଅ



ନୂଆଦିଲ୍ଲୀ, ୨।୬ (ହି.ସ): 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ ୨୦୨୫'ର ଗ୍ରାଣ୍ଡ ଫାଇନାଲରେ ଭାରତର ୯ ବର୍ଷୀୟା ବିନିତା ଛେତ୍ରୀ ନିଜ ପ୍ରତିଭା ଏବଂ କଠିନ ପରିଶ୍ରମ ବଳରେ ନିଜର ଛାପ ଛାଡ଼ିଛନ୍ତି। ବିନିତା ମଞ୍ଚରେ ତାଙ୍କ ନୃତ୍ୟ ଦ୍ୱାରା କେବଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିନାହାନ୍ତି, ବରଂ ଅନ୍ତର୍ଜାତୀୟ ସ୍ତରରେ ଭାରତର ନାଁକୁ ଉଜ୍ଜ୍ୱଳ କରିଛନ୍ତି। ଏହି ଅନ୍ତର୍ଜାତୀୟ ଶୋ'ରେ ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ଏବେ ସାରା ଦେଶରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ଆସାମର ଏହି ଛୋଟ କଳାକାରଙ୍କୁ ପ୍ରଶଂସା କରି ସାମାଜିକ ଗଣମାଧ୍ୟମରେ ଏକ ସ୍ୱତନ୍ତ୍ର ବାର୍ତ୍ତା ଶେୟାର କରିଛନ୍ତି। ସେ ଲେଖିଛନ୍ତି, ବିନିତା ବ୍ରହ୍ମପୁତ୍ରଠାରୁ ଥେମ୍ସ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟ ଜିତିଛନ୍ତି। ଏକ୍ସରେ ଶେୟାର କରାଯାଇଥିବା ଏହି ଭିଡିଓରେ ବିନିତାଙ୍କୁ ଫାଇନାଲରେ ତାଙ୍କ ସହ-ପ୍ରତିଯୋଗୀମାନଙ୍କ ସହ ଠିଆ ହୋଇଥିବାର ଦେଖିବାକୁ ମିଳିଛି। ବିନିତା ଛେତ୍ରୀ 'ବ୍ରିଟେନ୍ସ ଗଟ୍ ଟାଲେଣ୍ଟ' ଇତିହାସରେ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ପ୍ରତିଯୋଗୀ ପାଲଟିଛନ୍ତି। ଫାଇନାଲରେ ବ୍ରିଟିଶ ଯାଦୁକର ହ୍ୟାରି ମୋଲ୍ଡିଙ୍ଗ୍ ଫାଇନାଲରେ ବିଜୟୀ ହୋଇଥିବାବେଳେ ଏଲଇଡି ଡାନ୍ସ ଗ୍ରୁପ୍ 'ଦି ବ୍ଲାକଆଉଟ୍ସ' ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିନିତା ଶୋ'ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ସେପ୍ଟେମ୍ବର ୩୦ରୁ ଭାରତ-ଶ୍ରୀଲଙ୍କାରେ ମହିଳା ଦିନିକିଆ ବିଶ୍ୱକପ

ନୂଆଦିଲ୍ଲୀ, ୨।୬ (ହି.ସ): ଆଇସିସି ମହିଳା ଦିନିକିଆ ବିଶ୍ୱକପର ୧୩ତମ ସଂସ୍କରଣର ତାରିଖ ଘୋଷଣା ହୋଇଛି। ଆସନ୍ତା ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ବିଶ୍ୱକପ ଅନୁଷ୍ଠିତ ହେବ। ବିଶ୍ୱକପର ଆୟୋଜନ ଭାରତ ଓ ଶ୍ରୀଲଙ୍କା କରିବେ। ଦୀର୍ଘ ଗୋଟିଏ ଦଶନ୍ଧି ପରେ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ ଏସିଆ ମହାଦେଶରେ ହେବାକୁଯାଉଛି। ଆଇସିସିର ଘୋଷଣା ଅନୁଯାୟୀ, ମହିଳା ଦିନିକିଆ ବିଶ୍ୱକପର ସମସ୍ତ ମ୍ୟାଚ୍ ୫ଟି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତର ୪ଟି ଷ୍ଟାଡିୟମ ଓ ଶ୍ରୀଲଙ୍କାର ଗୋଟିଏ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ। ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ, ଗୁହାଟୀର ଏସିଏ ଷ୍ଟାଡିୟମ, ଇନ୍ଦୋରର ହୋଲକର ଷ୍ଟାଡିୟମ, ବିଶାଖାପଟନମର ଏସିଏ-ଭିଡିସିଏ ଷ୍ଟାଡିମୟ ଓ ଶ୍ରୀଲଙ୍କାର କଲମ୍ବୋରେ ଥିବା ଆର ପ୍ରେମଦାସା ଷ୍ଟାଡିୟମରେ ବିଶ୍ୱକପର ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ। ପାକିସ୍ତାନ ମହିଳା ଟିମ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ। ତେଣୁ ପାକିସ୍ତାନ ତା'ର ମ୍ୟାଚ୍ ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ ବେଳେ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିଥିଲା। ତେଣୁ ଭାରତ ତା'ର ମ୍ୟାଚ୍ ଗୁଡ଼ିକ ନିରେପକ୍ଷ ଭେନ୍ୟୁ ଦୁବାଇରେ ଖେଳିଥିଲା। ଏବେ ମହିଳା ଦିନିକିଆ ବିଶ୍ୱକପ ବେଳେ ପାକିସ୍ତାନ ମହିଳା ଟିମ ଶ୍ରୀଲଙ୍କାରେ ତା'ର ସମସ୍ତ ମ୍ୟାଚ୍ ଖେଳିବ। ମହିଳା ଦିନିକିଆ ବିଶ୍ୱକପ ବେଙ୍ଗାଲୁରୁରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଭାରତ ଖେଳିବ। ହେଲେ ଭାରତ କାହା ବିରୋଧରେ ଖେଳିବ, ତା'ର ନିଷ୍ପତ୍ତି ଆଇସିସି ଏଯାଏ ନେଇ ନାହିଁ। ଆଇସିସି କହିଛି ଯେ ବିଶ୍ୱକପର ପ୍ରଥମ ସେମି ଫାଇନାଲ ଅକ୍ଟୋବର ୨୯ରେ ଗୁହାଟୀ କିମ୍ବା କଲମ୍ବୋରେ ଖେଳାଯିବ। ଦ୍ୱିତୀୟ ସେମି ଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨ରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଫାଇନାଲ ମ୍ୟାଚ୍ ଆୟୋଜନ ହେବ। ପାକିସ୍ତାନ ଯଦି ସେମି କିମ୍ବା ଫାଇନାଲକୁ ଯାଉଛି, ତା'ହେଲେ ସେହି ଅନୁସାରେ ଭେନ୍ୟୁ ସ୍ଥିର କରାଯିବ। ମହିଳା ଦିନିକିଆ ବିଶ୍ୱକପରେ ମୋଟ ୮ଟି ଟିମ ଭାଗ ନେବେ। ସେମାନେ ହେଲେ-ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ। ୨୦୨୨ରେ ନ୍ୟୁଜିଲ୍ୟାଣ୍ଡ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ କରିଥିଲା।


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik